୬ କ୍ରିକେଟ ହଲ୍ ଅଫ୍ ଫେମ୍‌ରେ ସାମିଲ ହେଲେ ଅଷ୍ଟ୍ରେଲିଆର ବ୍ରେଟ୍ ଲି’



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00
● ବର୍ଷ–୩୨ ● ସଂଖ୍ୟା–୩୩୧ ● ୨୯ ଡିସେମ୍ବର ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-331 ● 29th December 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ

# ‘ପାର୍ବତୀ ଗିରି’ଙ୍କୁ ପ୍ରେରଣାର ଉତ୍ସ ବୋଲି କହିଲେ ମୋଦୀ

**ନୂଆଦିଲ୍ଲୀ, ୨୮ ।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ। ରବିବାର ଚଳିତବର୍ଷର ଶେଷ ମନ କି ବାତ୍ କାର୍ଯ୍ୟକ୍ରମରେ ‘ପାର୍ବତୀ ଗିରି’ଙ୍କ କଥା କହିଛନ୍ତି ମୋଦୀ। ପାର୍ବତୀ ଗିରିଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ। ସ୍ୱାଧୀନତା ସଂଗ୍ରାମରେ ପାର୍ବତୀ ଗିରିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ମହାନ୍ ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ‘ପାର୍ବତୀ ଗିରି’। ୧୬ ବର୍ଷରେ ପାର୍ବତୀ ଗିରି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ଦେଶ ପାଇଁ ପାର୍ବତୀ ଗିରି ହେଉଛନ୍ତି ପ୍ରେରଣାର ଉତ୍ସ। ୨୦୨୬ରେ ‘ପାର୍ବତୀ ଗିରି’ଙ୍କ ଜନ୍ମ ଶତାବ୍ଦୀ ପାଳନ କରାଯିବ । ସେ ସମାଜସେବା ଓ ଜନକଲ୍ୟାଣକାରୀ କାର୍ଯ୍ୟରେ ନିଜକୁ ସମର୍ପିତ କରିଥିଲେ ।



‘ପାର୍ବତୀ ଗିରି’ ବହୁତ ଅନାଥ ଆଶ୍ରମ ତିଆରି କରିଥିଲେ । ତାଙ୍କ ଜୀବନଶୈଳୀ ସବୁ ପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ।

୨୦୨୫ ବର୍ଷର ସଫଳତା ମଧ୍ୟ ବଖାଣିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଚଳିତ ବର୍ଷ ଭାରତ ଅନେକ ସଫଳତା ପାଇଛି । ମହାକାଶଠାରୁ କ୍ରୀଡ଼ା ପର୍ଯ୍ୟନ୍ତ ଭାରତକୁ ସଫଳତା ମିଳିଛି। ଭାରତର ସବୁଠୁ ବଡ଼ ଶକ୍ତି ହେଉଛି ‘ଯୁବ ଶକ୍ତି’। ଦେଶ ଏହାକୁ ନେଇ ଗର୍ବ କରେ। ପ୍ରତ୍ୟେକ କ୍ଷେତ୍ରରେ ଭାରତ ନିଜର ଛାପ ଛାଡ଼ିଛି। କ୍ରୀଡ଼ା କ୍ଷେତ୍ରରେ ଭାରତର ଝିଅ ଦେଶର ଟେକ ରଖିଛନ୍ତି। ବନ୍ଦେ ଭାରତ ଅଭିଯାନରେ ଲୋକଙ୍କ ଉତ୍ସାହ ମିଳିଛି। ଦୁବାଇରେ କନ୍ନଡ଼ ପାଠଶାଳା ଭାଷାର ବଡ଼ ଉପଲବ୍ଧି।

ପ୍ରଧାନମନ୍ତ୍ରୀ ସମ୍ବୋଧିତ କରି ୨୦୨୫ ମସିହାରେ ଭାରତର ଗର୍ବର ମୁହୂର୍ତ୍ତଗୁଡ଼ିକୁ ମନେ ପକାଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଅପରେସନ ସିନ୍ଦୂର ସମୟରେ ଭାରତ ଏକ ଦୃଢ଼ ଛାପ ଛାଡ଼ିଥିଲା। ଯାହା ଦେଶର ସୁରକ୍ଷା ପ୍ରତି ପ୍ରତିବଦ୍ଧତାର ପ୍ରଦର୍ଶନ ଥିଲା। ପାକିସ୍ତାନର ଦୁଃସାହସିକତା ବିରୁଦ୍ଧରେ ଅପରେସନ ବିଶ୍ୱକୁ ଏକ *(ପୃଷ୍ଠା ୭ରେ)*

### ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୮ ।୧୨**
**ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ରେ ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀ ଏବଂ ସାମାଜିକ କର୍ମୀ ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକୁ ସମଗ୍ର ରାଜ୍ୟ ପାଇଁ ଗର୍ବର ମୁହୂର୍ତ୍ତ ବୋଲି ସେ କହିଛନ୍ତି।

ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ *(ପୃଷ୍ଠା ୭ରେ)*

## ‘ଆଇଏନ୍‌ଏସ୍ ବାଘସୀର’ରେ ରାଷ୍ଟ୍ରପତି

# ଭାରତୀୟ ନୌସେନାର ଦକ୍ଷତା ଏବଂ ‘ଆତ୍ମନିର୍ଭର ଭାରତ’ ଅଭିଯାନର ଏକ ବଡ଼ ସଫଳତା

**ନୂଆଦିଲ୍ଲୀ, ୨୮ ।୧୨**

ରାଷ୍ଟ୍ରପତି ତଥା ତିନି ସେନାର ସର୍ବୋଚ୍ଚ କମାଣ୍ଡର ଦ୍ରୌପଦୀ ମୁର୍ମୁ କର୍ଣ୍ଣାଟକର କରୱାର ନୌସେନା ବେସ୍ ଠାରେ ସବମରିନ ବାଘସୀରରେ ଯାତ୍ରା କରି ନୂଆ ଇତିହାସ ରଚିଛନ୍ତି । ଭାରତୀୟ ନୌସେନାର କାଲଭାରୀ ଶ୍ରେଣୀର ବୁଡ଼ା ଜାହାଜ ‘ଆଇଏନଏସ୍ ବାଘସୀର’ରେ ପ୍ରାୟ ତିନି ଘଣ୍ଟା ସମୟ ବିତାଇଥିଲେ ମହାମହିମ । ଏହା ଭାରତୀୟ ନୌସେନାର ସାମରିକ ଦକ୍ଷତା ଏବଂ ‘ଆତ୍ମନିର୍ଭର ଭାରତ’ ଅଭିଯାନର ଏକ ବଡ଼ ସଫଳତା । ଯାତ୍ରା ସମୟରେ ବୁଡ଼ା ଜାହାଜଟି ସମୁଦ୍ର ଗଭୀରକୁ ଯାଇଥିଲା । ରାଷ୍ଟ୍ରପତି ସେଠାରେ ବୁଡ଼ା ଜାହାଜର କାର୍ଯ୍ୟପ୍ରଣାଳୀ, ଶତ୍ରୁପକ୍ଷକୁ ଚିହ୍ନଟ କରିବା ଏବଂ ପ୍ରତିରକ୍ଷା ରଣନୀତି ବିଷୟରେ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ । ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ ତ୍ରିପାଠୀ ଏବଂ ଭାରତୀୟ ନୌସେନାର ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଏସିଆର ବୃହତ୍ତମ ନୌସେନା ଭିତ୍ତିଭୂମି ପ୍ରକଳ୍ପର



ଅଗ୍ରଗତି ସମୀକ୍ଷା କରିଥିଲେ । ଏହି ବେସ୍ ଭାରତର ପଶ୍ଚିମ ସାମୁଦ୍ରିକ ସୀମା ରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନୌସେନା କର୍ମଚାରୀଙ୍କ ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଲୋଚନା କରିଥିଲେ । ସେ ନୌସେନାର ଅଧିକାରୀ ଓ ନାବିକମାନଙ୍କ ସହ କଥାବାର୍ତ୍ତା କରି ସେମାନଙ୍କ ସାହସିକତା ଓ ଦେଶ ପ୍ରତି ଥିବା ସମର୍ପଣକୁ ପ୍ରଶଂସା କରିଥିଲେ । ବିଶେଷ କରି ସମୁଦ୍ର ଗଭୀରରେ କଠିନ ପରିସ୍ଥିତିରେ କାର୍ଯ୍ୟ କରୁଥିବା ‘ସବ୍ ମେରିନର୍ସ’ଙ୍କୁ ଉତ୍ସାହିତ କରିଥିଲେ । ଏହି ଯାତ୍ରା ଭାରତୀୟ ନୌସେନାର ମନୋବଳ ବଢ଼ାଇବା ସହ ବିଶ୍ୱକୁ ଭାରତର ବୃଦ୍ଧି ପାଉଥିବା ସାମୁଦ୍ରିକ ଶକ୍ତିର ବାର୍ତ୍ତା ଦେଇଛି । ପୂର୍ବତନ ରାଷ୍ଟ୍ରପତି (ସ୍ୱର୍ଗତଃ) ଏପିଜେ ଅବଦୁଲ କଲାମଙ୍କ ପରେ ସେ ବୁଡ଼ାଜାହାଜରେ ଯାତ୍ରା କରିଥିବା ଦେଶର ଦ୍ୱିତୀୟ ମୁଖ୍ୟ। କଲାମ ୨୦୦୬ ଫେବୃଆରୀ ୧୩ ତାରିଖରେ ଆନ୍ଧ୍ରପ୍ରଦେଶର ବିଶାଖାପାଟନମରେ ଏକ ବୁଡ଼ାଜାହାଜରେ ଯାତ୍ରା କରିଥିଲେ।

ପୂର୍ବରୁ ରାଷ୍ଟ୍ରପତି ଭାରତୀୟ ବାୟୁସେନାର ଦୁଇଟି *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ସୀମା ଅଞ୍ଚଳରେ ଆତଙ୍କବାଦ ଦମନ ପାଇଁ ସୁରକ୍ଷା ବଢ଼ିଲା।
- ବାୟୁ ପ୍ରଦୂଷଣରେ ରାଜଧାନୀ ଅଞ୍ଚଳ ପ୍ରଦୂଷିତ।
- ଦେଶର ଅର୍ଥନୀତିକୁ ମଜଭୁତ କରିବାକୁ ସରକାରୀ ଯୋଜନା।
- ନ୍ୟାୟାଳୟ ରାୟ ପରେ ରାଜନୈତିକ ହଲଚଲ।
- ପ୍ରଧାନମନ୍ତ୍ରୀଙ୍କ ମାଧ୍ୟମରେ ଦେଶବାସୀଙ୍କୁ ସନ୍ଦେଶ।
- ପିଲାମାନଙ୍କ ଶିକ୍ଷାରେ ସମ୍ବାଦପତ୍ର ପଢ଼ାର ନୂଆ ପଦକ୍ଷେପ।
- ପର୍ଯ୍ୟଟନ ସ୍ଥଳରେ ବିବାଦ ପରେ ପୋଲିସ ତଦନ୍ତ ଆରମ୍ଭ।
- ରେଳ ପ୍ରକଳ୍ପକୁ ନେଇ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆଲୋଚନା।
- ବିଦ୍ୟୁତ ଖର୍ଚ୍ଚ ବୃଦ୍ଧିକୁ ନେଇ ରାଜନୈତିକ ଅସନ୍ତୋଷ।
- ନିର୍ମମ ଶିଶୁ ହତ୍ୟା ଘଟଣାରେ ଅଭିଯୁକ୍ତକୁ ଧରିଲା ପୋଲିସ।
- ନୂଆବର୍ଷ ପୂର୍ବରୁ ପୁରୀରେ ଭକ୍ତଙ୍କ ଭିଡ଼ ବେଶି।
- ଶୀତକାଳୀନ ଦୁର୍ଘଟଣା ରୋକିବାକୁ ସତର୍କତା।

# ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ଗୁଣର ବିକାଶ ଜରୁରୀ: ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ୨୮ ।୧୨**
**ନ୍ୟୁଜ୍**

ସମସ୍ତ ପାଖରେ କିଛି ନା କିଛି ଲୁକ୍କାୟିତ ଗୁଣ ବା ପ୍ରତିଭା ରହିଛି। ତେଣୁ ପାଠ ପଢ଼ା ସହିତ ଏହି ଲୁଚି ରହିଥିବା ପ୍ରତିଭାକୁ ଚିହ୍ନି ପାରିଲେ, ଆମେ ଜୀବନରେ ସଫଳ ହୋଇ ପାରିବା ବୋଲି ତେଲକୋଇ ବ୍ଲକର ସିରିଗିଡ଼ାଠାରେ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଭଳି ମତବ୍ୟକ୍ତ କରିଛନ୍ତି।

ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ କହିଥିଲେ, ଛାତ୍ରଛାତ୍ରୀଙ୍କ ପ୍ରଥମ କାମ ହେଉଛି ମନଦେଇ ପାଠପଢ଼ିବା। କେବଳ ପାଠ ପଢ଼ିଲେ ହେବ ନାହିଁ। ବର୍ତ୍ତମାନର ଯୁଗ ହେଉଛି ଟେକ୍ନୋଲୋଜିର ଯୁଗ। ଟେକ୍ନୋଲୋଜି ସହ ତାଳ ଦେଇ



ଅପଡେଟ୍ ରହିବା କଥା। ପ୍ରତ୍ୟେକଙ୍କ ନିକଟରେ କିଛି ନା କିଛି ଅନ୍ତର୍ନିହିତ ପ୍ରତିଭା ଏବଂ ଦକ୍ଷତା ଲୁଚି ରହିଛି । ସେହି ଅନ୍ତର୍ନିହିତ ପ୍ରତିଭାର ବିକାଶ କଲେ ସଫଳତା ମିଳିବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜାତୀୟ ଶିକ୍ଷା ନୀତି ୨୦୨୦ ଆମକୁ ସ୍ପଷ୍ଟ କରିଛି ଯେ, ଶିକ୍ଷାର ଉଦ୍ଦେଶ୍ୟ କେବଳ ଚାକିରି ପାଇବା ନୁହେଁ ବରଂ ଲାଇଫ୍ ସ୍କିଲ ବା ଜୀବନ କୌଶଳ, ସୃଜନଶୀଳତା ଏବଂ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଗ୍ରହଣ କରିବା। ତେଣୁ ନିଜର ପ୍ରତିଭା ବଳରେ ଆଗକୁ ଯିବା ଉପରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱ ଦେବା ଆବଶ୍ୟକ। ସାଧାରଣତଃ ପିଲାମାନେ କୌଣସି ବାହାର ଲୋକଙ୍କ ସହିତ କଥାବାର୍ତ୍ତା କଲାବେଳେ ଅସହଜମନେ କରନ୍ତି। ଉପଯୁକ୍ତ କମ୍ୟୁନିକେସନ ସ୍କିଲର ଅଭାବ ଯୋଗୁ ଏହା ହୋଇଥାଏ। ସେହିପରି ତୁରନ୍ତ ନିଷ୍ପତ୍ତି ନେବା ବି ଗୋଟେ ସ୍କିଲ। *(ପୃଷ୍ଠା ୭ରେ)*

# ଇଣ୍ଡିଗୋର ପରିଚାଳନା ତ୍ରୁଟି ଘଟଣା : ଡିଜିସିଏଙ୍କୁ ତଦନ୍ତ ରିପୋର୍ଟ ଦାଖଲ

**ନୂଆଦିଲ୍ଲୀ, ୨୮ ।୧୨**

ଚଳିତମାସ ପ୍ରାରମ୍ଭରେ ଘରୋଇ ଏୟାରଲାଇନ୍ସ ଇଣ୍ଡିଗୋରେ ଯେଉଁ ପରିଚାଳନାଗତ ବିଭ୍ରାଟ ସୃଷ୍ଟି ହୋଇଥିଲା ସେଥିଯୋଗୁଁ ବିଭିନ୍ନ ବିମାନବନ୍ଦରରେ ସହସ୍ରାଧିକ ଯାତ୍ରୀଙ୍କୁ ଅକଥନୀୟ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଥିଲା। ଏହି ପରିପ୍ରେକ୍ଷୀରେ ଡିସେମ୍ବର ୫ରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଚାରିଜଣିଆ ତଦନ୍ତ କମିଟି ଗଠନ କରାଯାଇଥିଲା।

ତଦନ୍ତ କମିଟି ପକ୍ଷରୁ ଡିଜିସିଏ ନିକଟରେ ରିପୋର୍ଟ ଦାଖଲ କରାଯାଇଛି। ରିପୋର୍ଟର ଏକକିତା ନକଲ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ଓ ବିଭାଗୀୟ ସଚିବ ସମୀର କୁମାର ସିହ୍ନାଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଡିଜିସିଏର ଯୁଗ୍ମ ନିର୍ଦ୍ଦେଶକ ସଞ୍ଜୟ ବ୍ରାହାନେଙ୍କ ଅଧକ୍ଷତାରେ



ତଦନ୍ତ କମିଟି ଗଠନ କରାଯାଇଥିବାବେଳେ ଏଥିରେ ଉପ ନିର୍ଦ୍ଦେଶକ ଅମିତ ଗୁପ୍ତା, ସିନିୟର ଫ୍ଲାଇଟ ଅପରେସନ୍ସ ଇନ୍ସପେକ୍ଟର କ୍ୟାପଟେନ କପିଲ ମାଙ୍ଗଲିକ୍ ଓ ଫ୍ଲାଇଟ ଅପରେସନ୍ସ ଇନ୍ସପେକ୍ଟର କ୍ୟାପଟେନ ରାମପାଲଙ୍କୁ ସଦସ୍ୟ ନିଯୁକ୍ତ କରାଯାଇଥିଲା। ତେବେ ତଦନ୍ତ ରିପୋର୍ଟର ବିଷୟବସ୍ତୁକୁ ସାର୍ବଜନୀନ କରାଯାଇନାହିଁ।

ସୂଚନାଯୋଗ୍ୟ ପାଇଲଟ୍ ଅଭାବ, ପାଇଲଟ୍-କ୍ରିଉ ସଦସ୍ୟଙ୍କ ରୋଷ୍ଟର ଡ୍ୟୁଟି ଭଳି ପ୍ରସଙ୍ଗ ଯୋଗୁଁ ଇଣ୍ଡିଗୋ ଏୟାରଲାଇନ୍ସର ବିମାନସେବା ଯଥେଷ୍ଟ ପ୍ରଭାବିତ ହୋଇଥିଲା। ଡିସେମ୍ବର ୩ରୁ ୧୦ ପର୍ଯ୍ୟନ୍ତ ଏହି ସଙ୍କଟ ଲାଗି ରହିଥିଲା। ଦୈନିକ ଶତାଧିକ ବିମାନର ଉଡାଣ ବାତିଲ ହୋଇଥିଲା। ଯାତ୍ରୀମାନେ ବିଭିନ୍ନ ବିମାନ ବନ୍ଦରରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ସେମାନଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଅନ୍ୟ ଏୟାରଲାଇନ୍ସରେ ଯାତ୍ରା ପାଇଁ ଉଦ୍ୟମ କରିଥିଲେ ସୁଦ୍ଧା ଅତ୍ୟଧିକ ଭଡା ଯୋଗୁଁ ଏହା ସେମାନଙ୍କ ପକ୍ଷରେ ସମ୍ଭବ ହୋଇପାରିନଥିଲା। ଦିଲ୍ଲୀ–ମୁମ୍ବଇ, ଦିଲ୍ଲୀ–କଲକାତା, ଦିଲ୍ଲୀ–ବେଙ୍ଗାଲୁରୁ ରୁଟ୍‌ରେ ଗୋଟିଏ ପଟ ଭଡା ୫୦ରୁ ୬୦ ହଜାର ଟଙ୍କା ଛୁଇଁଥିଲା।

ଅବଶ୍ୟ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ପରେ ଅନ୍ୟ ଏୟାରଲାଇନ୍ସଗୁଡ଼ିକ ନିର୍ଦ୍ଧାରିତ ଭଡା ନେବାକୁ ବାଧ୍ୟ ହୋଇଥିଲେ। ଇଣ୍ଡିଗୋ ଏୟାରଲାଇନସ ସିଇଓ ପିଟର ଏଲବର୍ସ ଏହି ଅବ୍ୟବସ୍ଥା ପାଇଁ *(ପୃଷ୍ଠା ୭ରେ)*

# ଏକ୍ସପାଏରୀ ଡ୍ରାଇଭିଂ ଲାଇସେନ୍ସକୁ ବୈଧ ବିବେଚନା କରାଯିବନି

**ନୂଆଦିଲ୍ଲୀ, ୨୮ ।୧୨**

ଅବଧି ଶେଷ ହୋଇସାରିଥିବା ଡ୍ରାଇଭିଂ ଲାଇସେନ୍ସକୁ କୌଣସି ପରିସ୍ଥିତିରେ ବୈଧ ବିବେଚନା କରାଯିବ ନାହିଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ଜଷ୍ଟିସ ଏହସାନୁଦ୍ଦିନ ଅମନୁଲ୍ଲା ଓ ଜଷ୍ଟିସ ଏସ.ଭି.ଏନ.ଭଟ୍ଟିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ ଆଗତ ପିଟିସନ୍‌ର ଶୁଣାଣି କରି କହିଛନ୍ତି ଯେ ମୋଟର ଯାନ (ସଂଶୋଧନ) ଆଇନ, ୨୦୧୯ ଅନୁଯାୟୀ ଯଦି ନବୀକରଣ (ରିନୁଆଲ) ହୋଇନଥାଏ, ତେବେ ଡ୍ରାଇଭିଂ ଲାଇସେନ୍ସ ଅବଧି ଶେଷ ହେବା ପରଦିନଠାରୁ ସଂପୃକ୍ତ ବ୍ୟକ୍ତି ଗାଡି ଚଳାଇବାକୁ ଅଯୋଗ୍ୟ ଘୋଷିତ ହେବେ।



ଉକ୍ତ ଆଇନ ସଂଶୋଧିତ ହେବା ପୂର୍ବରୁ ବ୍ୟବସ୍ଥା ଥିଲା ଯେ ଅବଧି ଶେଷ ହେବାର ଏକମାସ ପର୍ଯ୍ୟନ୍ତ ଡ୍ରାଇଭିଂ ଲାଇସେନ୍ସ ବୈଧ ବିବେଚିତ ହେବ। ଲାଇସେନ୍ସ ନବୀକରଣ ପାଇଁ ସଂପୃକ୍ତ ବ୍ୟକ୍ତିଙ୍କୁ ଏକମାସ ଅତିରିକ୍ତ ସମୟ ପ୍ରଦାନ କରାଯାଉଥିଲା। ତେବେ ସଂଶୋଧନ ପରେ ଉକ୍ତ ଆଇନରେ ଅତିରିକ୍ତ ସମୟ (ଗ୍ରେସ ପିରିୟଡ) ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି।

# ଅପରେସନ ସିନ୍ଦୂରରେ ୫୦୦ ପାକିସ୍ତାନୀ ମରିଥିଲେ !

**ନୂଆଦିଲ୍ଲୀ, ୨୮ ।୧୨**

ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇସାକ ଦାରଙ୍କ ବୟାନ ସମ୍ପର୍କରେ ଭାରତର ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) କେଜେଏସ୍ ଢିଲୋନ୍ କହିଛନ୍ତି ଯେ ଅପରେସନ ସିନ୍ଦୂରରେ ଅତିକମରେ ୫୦୦ ପାକିସ୍ତାନୀ ପ୍ରାଣ ହରେଇଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଇସାକ ଦାର ଜଣେ ପୁରୁଣା ମିଛୁଆ, କିନ୍ତୁ ଶେଷରେ ସେ ସତ କଥା କହିଛନ୍ତି।

ସେ କହିଛନ୍ତି, ପାକିସ୍ତାନର ସମା ଟିଭି ୱେବସାଇଟ୍ ୧୪ ଅଗଷ୍ଟ ୨୦୨୫ରେ ଅପରେସନ ସିନ୍ଦୁର ସମୟରେ ଭାରତୀୟ କାର୍ଯ୍ୟାନୁଷ୍ଠାନରେ ପ୍ରାଣ ହରାଇଥିବା ୧୩୮ ବୀରତ୍ୱ ପୁରସ୍କାର ବିଜେତାଙ୍କ ନାମ ପ୍ରକାଶ



କରିଥିଲା। ଏହି ପୁରସ୍କାରଗୁଡ଼ିକ ସେମାନଙ୍କୁ ମରଣୋତ୍ତର ଭାବରେ ପ୍ରଦାନ କରାଯାଇଥିଲା। କେଜେଏସ ଢିଲୋନ୍ କହିଛନ୍ତି ଯେ ଯଦି ୧୩୮ ଜଣଙ୍କୁ ମରଣୋତ୍ତର ଭାବରେ ପୁରସ୍କୃତ କରାଯାଇଥିଲା, ତେବେ ଏହାର ଅର୍ଥ ହେଉଛି ଅପରେସନ ସିନ୍ଦୁର ସମୟରେ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଅତି କମରେ ୪୦୦ରୁ ୫୦୦ ପାକିସ୍ତାନୀ ମୃତ୍ୟୁବରଣ କରିଥିଲେ ।

ତାଙ୍କ ପକ୍ଷରୁ କିଛି ଲୋକ ସାମାନ୍ୟ ଆହତ ହୋଇଥିବା କହିବା ବାସ୍ତବତା ସହିତ ମେଳ ଖାଉନାହିଁ । ଭାରତର ଆକ୍ରମଣ ପରେ ନୂର ଖାନ ବାୟୁସେନା ଘାଟିରେ ନିଆଁ ଲାଗିଥିଲା। ଭିଡିଓଗୁଡ଼ିକ ପାକିସ୍ତାନୀ ନାଗରିକଙ୍କ ଦ୍ୱାରା ଜାରି କରାଯାଇଥିଲା। ସେମାନଙ୍କର ସମସ୍ତ ଏଗାରଟି ବାୟୁସେନା ଘାଟି ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା। ଆମେ କ୍ଷତିର ବିଭିନ୍ନ ଫଟୋ ଏବଂ ଭିଡିଓ ଦେଖାଇଛୁ, କିନ୍ତୁ ସେମାନେ ସେମାନଙ୍କର ମିଛ କହିବା ଜାରି ରଖିଛନ୍ତି।

# ନୂଆବର୍ଷ ପୂର୍ବରୁ ଅପରେସନ୍ ଆଘାତ

**ନୂଆଦିଲ୍ଲୀ, ୨୮ ।୧୨**

ନୂଆବର୍ଷ ପାଳନ ପାଇଁ ଜାତୀୟ ରାଜଧାନୀ ପ୍ରସ୍ତୁତ ହେଉଥିବା ବେଳେ ଦିଲ୍ଲୀରେ ରାତିସାରା ଚଢ଼ଉ କରି ଶହ ଶହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଦକ୍ଷିଣ ଓ ଦକ୍ଷିଣ ପୂର୍ବ ଦିଲ୍ଲୀ ଜିଲ୍ଲାରେ ଗିରଫଦାରୀ ୬୬୦ରୁ ଅଧିକ ଥିଲା। ଅପରେସନ୍ ଆଘାତ ୩.୦ ଅଧୀନରେ ଏକ ଆଗୁଆ କାର୍ଯ୍ୟାନୁଷ୍ଠାନରେ ଡଜନାଧିକ ଅସ୍ତ୍ରଶସ୍ତ୍ର, ଲକ୍ଷ ଲକ୍ଷ ନଗଦ ଟଙ୍କା, ବେଆଇନ ମଦ, ଡ୍ରଗ୍ସ ଓ ଅନ୍ୟାନ୍ୟ ଚୋରି ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଉତ୍ସବ ସମୟରେ ଅପରାଧକୁ ରୋକିବା ପାଇଁ ଏହି ଚଢ଼ଉ କରାଯାଇଥିଲା। ସନ୍ଦିଗ୍ଧ ସମସ୍ୟା ସୃଷ୍ଟିକାରୀଙ୍କୁ ଗିରଫ କରିବା ପାଇଁ ରବିବାର ସକାଳ *(ପୃଷ୍ଠା ୭ରେ)*

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୧୨୨ (+୦) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୨,୯୪୫ (+୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୦,୫୯୨ (+୦) |

## ରୁପା ଦର


ରୂପା – ପ୍ରତି ଗ୍ରାମ ୨୭୪ (+୦)

## ଏକାଳ ପଖାଳ



ଜାଡରେ ଥରୁଛି ରାଇଜ ଆମର
ଥର ହର କରେ ଶୀତ
ପର୍ଯ୍ୟଟନସ୍ଥଳୀ ବହୁତ ଭିଡ
ଚାରିଆଡେ ଭୋଜି ଭାତ
ମଦ ନିଶାକୁ ନମାରି ହାତ
ଗାଡିର ବେଗ ମନ୍ଥର କରିଲେ
ଗାଇବ ଫେରିକି ଗୀତ।

# ଟ୍ରମ୍ପଙ୍କୁ ଭାରି ପଡୁଛି ଟାରିଫ ମାଡ଼: ଆମେରିକାର ୭୧୭ କମ୍ପାନୀ ଦେବାଳିଆ



**ୱାଶିଂଟନ, ୨୮ ।୧୨**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସମେତ ବିଭିନ୍ନ ରାଷ୍ଟ୍ର ଉପରେ ଟାରିଫ ଲାଗୁ କରି ନିଜ ଦେଶ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛନ୍ତି। ଟାରିଫ ଲାଗୁ କରି ସେ ଠିକ୍ କରିଛନ୍ତି ବୋଲି ଦାବି କରିଆସୁଛନ୍ତି। ଏହାଦ୍ୱାରା ଆମେରିକାକୁ ବହୁ ମାତ୍ରାରେ ରାଜସ୍ୱ ମିଳୁଛି ବୋଲି ଟ୍ରମ୍ପ କହୁଛନ୍ତି। କିନ୍ତୁ ପରିସ୍ଥିତି ସମ୍ପୂର୍ଣ୍ଣ ଓଲଟା ହୋଇଗଲାଣି। ରିପୋର୍ଟ ଅନୁସାରେ, ଆମେରିକାର କମ୍ପାନୀଗୁଡ଼ିକ ଏବେ ଦେବାଳିଆ ସ୍ଥିତିକୁ ଚାଲିଆସିଲେଣି। ୨୦୨୫ରେ ଦେଶର ୭୧୭ କମ୍ପାନୀ ନିଜକୁ ଦେବାଳିଆ ଘୋଷଣା କଲେଣି। ଯାହା ବିଗତ ୧୫ ବର୍ଷରେ ସର୍ବାଧିକ। ଏହାର କାରଣ ଟ୍ରମ୍ପଙ୍କ ଟାରିଫ ବୋଲି କମ୍ପାନୀଗୁଡ଼ିକ ଦର୍ଶାଇଛନ୍ତି। ଏହାବ୍ୟତୀତ ଆମେରିକାରେ ବିଭିନ୍ନ ସାମଗ୍ରୀର ଦରଦାମ ବୃଦ୍ଧି ପରିସ୍ଥିତିକୁ ଅଧିକ ଜଟିଳ କଲାଣି।

ରିପୋର୍ଟ ଅନୁସାରେ, ୨୦୨୫ରେ ଆମେରିକାରେ କମ୍ପାନୀଗୁଡ଼ିକ ଦେବାଳିଆ ହେବା ସଂଖ୍ୟାରେ ବୃଦ୍ଧି ଦେଖିବାକୁ ମିଳିଛି। ଏସ ଆଣ୍ଡ ପି ଗ୍ଲୋବାଲ ମାର୍କେଟ ଇଣ୍ଟେଲିଜେନ୍ସ ତଥ୍ୟ ଅନୁସାରେ, ୨୦୨୫ ଜାନୁଆରୀରୁ ନଭେମ୍ବର ମାସ ମଧ୍ୟରେ ୭୧୭ କମ୍ପାନୀ ଚାପ୍ଟର ୭ ଏବଂ ଚାପ୍ଟର ୧୧ ଅଧୀନରେ *(ପୃଷ୍ଠା ୭ରେ)*

# ଆଉ ୫ ଦିନ ଘନ କୁହୁଡ଼ି ଜାନୁଆରୀ ୨ରୁ କମିବ ଶୀତ

**ଭୁବନେଶ୍ୱର, ୨୮ ।୧୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ପ୍ରବଳ ଶୀତ ଲହରୀ ଜାରି ରହିଛି, ତଥାପି ଆଗାମୀ ପାଞ୍ଚ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡ଼ି)ର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ତିନି ଦିନ ପାଇଁ ରାଜ୍ୟରେ ଶୀତ ଲହରୀ ଜାରି ରହିବ। ଆଗାମୀ ତିନି ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ।

ଆସନ୍ତା ତିନି ଦିନ ପରେ, ରାଜ୍ୟର



ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ଧୀରେ ଧୀରେ ୨ ରୁ ୩ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ରାଜ୍ୟରେ ଶୀତ ଲହରୀ ଜାରି ରହିଥିବାରୁ, ରବିବାର ସକାଳେ ରାଜ୍ୟର ୧୩ଟି *(ପୃଷ୍ଠା ୭ରେ)*

# କ୍ରିକେଟ ହଲ୍ ଅଫ୍ ଫେମ୍‌ରେ ସାମିଲ ହେଲେ ଅଷ୍ଟ୍ରେଲିଆର ବ୍ରେଟ୍ ଲି'

**ଆଡିଲେଡ୍**



ପୂର୍ବତନ ଅଷ୍ଟ୍ରେଲିଆନ୍ ଫାଷ୍ଟ ବୋଲର ବ୍ରେଟ୍ ଲି'ଙ୍କୁ ରବିବାର ଅଷ୍ଟ୍ରେଲିଆନ କ୍ରିକେଟ ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଛି।

ଘାତକ ପେସ୍ ସାଙ୍ଗକୁ ଆଦର୍ଶ କ୍ରୀଡ଼ାବିତ୍ ମନୋଭାବରେ ଭରି ରହିଥିବା ଉଲ୍ଲେଖନୀୟ ଅନ୍ତର୍ଜାତୀୟ କ୍ୟାରିୟର ପାଇଁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ୪୯ ବର୍ଷୀୟ ଲି' ୧୯୯୯ରୁ ୨୦୧୨ ପର୍ଯ୍ୟନ୍ତ ଅନ୍ତର୍ଜାତୀୟସ୍ତରରେ ଅଷ୍ଟ୍ରେଲିଆର ପ୍ରତିନିଧିତ୍ୱ କରିଥିଲେ।

ସେ ୭୬ ଟେଷ୍ଟ, ୨୨୧ ଦିନିକିଆ ଓ ୨୫ ଟି୨୦ ମ୍ୟାଚ୍ ଖେଳି ମୋଟ୍ ଉପରେ ୭୧୮ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ସ୍ୱର୍ଣ୍ଣିମ ଯୁଗର ସେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଅଷ୍ଟ୍ରେଲିଆ ଲଗାତର ୧୯୯୯, ୨୦୦୩ ଓ ୨୦୦୭ ବିଶ୍ୱକପ୍ ଜିତିଥିଲା। ଅନ୍ତର୍ଜାତୀୟ କ୍ରିକେଟ ବ୍ୟତୀତ ସେ ଦୀର୍ଘ ବର୍ଷ ଧରି ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଧ୍ୟ ଖେଳିଥିଲେ। ପେସାଦାର କ୍ୟାରିୟରରୁ ଅବସର ନେବା ପରେ ସେ ଭାଷ୍ୟକାର ଭାବେ କ୍ରିକେଟ ସହ ଯୋଡ଼ିହୋଇ ରହିଛନ୍ତି।

## ୧୯ ବର୍ଷରୁ କମ୍ ବିଶ୍ୱକପ ପାଇଁ ଭାରତୀୟ ସ୍କ୍ୱାଡ୍ ଘୋଷଣା

# ଆୟୂଷ ମାହତ୍ରେ ଅଧିନାୟକ ଓ ଭିହାନ ମଲହୋତ୍ରା ଉପ ଅଧିନାୟକ

**ନୂଆଦିଲ୍ଲୀ**



ଆସନ୍ତା ମାସ ୧୫ ତାରିଖରୁ ଆରମ୍ଭ ହେବ ଆଇସିସି ୧୯ ବର୍ଷରୁ କପ୍ ପୁରୁଷ ଦିନିକିଆ ବିଶ୍ୱକପ୍। ଏ ନେଇ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଆୟୂଷ ମାହତ୍ରେ ଅଧିନାୟକ ଓ ଭିହାନ ମଲହୋତ୍ରା ଉପ ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଏହି ବିଶ୍ୱକପରେ ଭାରତୀୟ ଟିମ୍ ଟ୍ରଫି ହାତେଇବାର ଦାବିଦାର ରହିଛି। ବିଶ୍ୱକପ ସ୍କ୍ୱାଡ୍‌ରେ ବିହାରର ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ମଧ୍ୟ ସୁଯୋଗ ମିଳିଛି।

୧୯ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତ ଗ୍ରୁପ୍ ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଅନ୍ୟ ଦଳ ଭାବେ ନ୍ୟୁଜିଲାଣ୍ଡ, ୟୁଏସଏ ଓ ବାଂଲାଦେଶ ରହିଛନ୍ତି। ଭାରତ ୧୫ ତାରିଖରେ ୟୁଏସଏ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ଏହାପରେ ୧୭ ତାରିଖରେ ବାଂଲାଦେଶ ଓ ୨୪ ତାରିଖରେ ନ୍ୟୁଜିଲାଣ୍ଡକୁ ଭେଟିବ। ଯୁବ ବିଶ୍ୱକପରେ ମୋଟ୍ ୧୬ଟି ଦଳ ଭାଗ ନେଉଛନ୍ତି। ସମସ୍ତ ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତି ଗ୍ରୁପରେ ୪ଟି ଲେଖାଏଁ ଦଳ ସ୍ଥାନ ପାଇଛନ୍ତି। ଆଇସିସି ପୁରୁଷ ଅଣ୍ଡର-୧୯ ବିଶ୍ୱକପ ୨୦୨୬ରେ ଜିମ୍ବାୱେ ଏବଂ ନାମିବିୟା ଆୟୋଜକ ରହିବେ।

ବିଶ୍ୱକପ୍ ବ୍ୟତୀତ ଦକ୍ଷିଣ ଆଫ୍ରିକା ବିପକ୍ଷ ଏକ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ପାଇଁ ମଧ୍ୟ ଦଳ ଘୋଷଣା କରାଯାଇଛି। ଭିହାନ ଓ ଆୟୂଷ ଏହି ସିରିଜରେ ଖେଳିବେ ନାହିଁ। ତାଙ୍କ ସ୍ଥାନରେ ବୈଭବ ସୂର୍ଯ୍ୟବଂଶୀ ଅଧିନାୟକ ଓ ଆରନ ଜର୍ଜ ଉପ ଅଧିନାୟକ ଦାୟିତ୍ୱ ତୁଲାଇବେ। ଜାନୁଆରୀ ୩, ୫ ଓ ୭ ତାରିଖରେ ୩ଟି ଯାକ ଦିନିକିଆ ଖେଳାଯିବ। ଭିହାନ ସମ୍ପ୍ରତି ଆହତ ଅଛନ୍ତି। ମାତ୍ର ବିଶ୍ୱକପ୍ ପୂର୍ବରୁ ସେ ଫିଟ୍ ହୋଇଯିବେ। ସଦ୍ୟ ସମାପ୍ତ ୧୯ ବର୍ଷରୁ କମ୍ ଦିନିକିଆ ଏସିଆ କପରେ ଭାରତର ଦମ୍‌ଦାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ହେଲେ ଫାଇନାଲରେ ପାକିସ୍ତାନଠୁ ପରାସ୍ତ ହୋଇଥିଲା। ଉପବିଜେତାରେ ସନ୍ତୁଷ୍ଟ ହୋଇଥିଲା ଭାରତ।

ଜୁନିୟର ବିଶ୍ୱକପ୍ ଦଳ- ଆୟୂଷ ମାହତ୍ରେ (ଅଧିନାୟକ), ଭିହାନ ମଲହୋତ୍ରା (ଉପ ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଆରନ ଜର୍ଜ, ବେଦାନ୍ତ ତ୍ରିବେଦୀ, ଅଭିଜ୍ଞାନ କୁଣ୍ଡୁ, ହରବଂଶ ସିଂହ, ଆରଏସ ଆମ୍ବ୍ରିସ, କନିଷ୍କ ଚୌହାନ, ଖିଲାନ ପଟେଲ, ମହମ୍ମଦ ଇନାନ, ହେନିଲ ପଟେଲ, ଦୀପେଶ ଦେବେନ୍ଦ୍ରନ, କିଷନ କୁମାର ସିଂହ, ଉଦ୍ଧବ ମୋହନ।

# ମହିଳା ଟ୍ୱେଣ୍ଟି-୨୦ : ଶ୍ରୀଲଙ୍କାକୁ ୩୦ ରନରେ ହରାଇଲା ଭାରତ

**ତିରୁଅନନ୍ତପୁରମ**



ଚତୁର୍ଥ ଟ୍ୱେଣ୍ଟି-୨୦ରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨ ୱିକେଟ୍ ହରାଇ ୨୨୧ ରନ୍ କରିଥିଲା। ଶେଫାଳି ୪୬ ବଲ୍‌ରୁ ୭୯ ରନ୍ (୧୨ ଚୌକା, ୧ ଛକା) ଏବଂ ସ୍ମୃତି ୪୮ ବଲ୍‌ରୁ ୮୦ ରନ୍ (୧୧ ଚୌକା, ୩ ଛକା) କରିବା ସହ ପ୍ରଥମ ୱିକେଟ୍ ପାଇଁ ୧୫.୨ ଓଭରରେ ରେକର୍ଡ ୧୬୨ ରନ୍ କରିଥିଲେ। ଲଗାତାର ଓଭରରେ ଉଭୟ ଆଉଟ୍ ହେବା ପରେ ରିଚା ଘୋଷ (୧୬ ବଲ୍‌ରୁ ୪୦ ରନ୍, ୪ ଚୌକା, ୩ ଛକା)) ଏବଂ ହର୍ମନପ୍ରୀତ୍ କୌର୍ (୧୦ ବଲ୍‌ରୁ ୧୬ ରନ୍) ଶେଷ ୨୩ ବଲ୍‌ରୁ ୫୩ ରନ୍ ଯୋଡ଼ିଥିଲେ। ସ୍ମୃତି ତାଙ୍କ ପାଳି ଅବସରରେ ସର୍ବାଧିକ ଛକା ରେକର୍ଡ କରିବା ସହ ବିଶ୍ୱର ଚତୁର୍ଥ ତଥା ଦ୍ୱିତୀୟ ଭାରତୀୟ ବ୍ୟାଟର ଭାବେ ୧୦,୦୦୦ ଅନ୍ତର୍ଜାତୀୟ ରନ୍ ପୂରଣ କରିଥିଲେ। ଏହି କ୍ଷେତ୍ରରେ କିନ୍ତୁ ସେ କମ୍ ପାଳି (୨୮୧) ଖେଳି ମିତାଲି ରାଜ (୨୯୧)ଙ୍କୁ ପଛରେ ପକାଇଥିଲେ। ୧୦,୦୦୦ ଅର୍ନ୍ତଜାତୀୟ ରନ୍‌ର ଅନ୍ୟ ଦୁଇ ସଦସ୍ୟା ହେଉଛନ୍ତି ଇଂଲଣ୍ଡର ଚାର୍ଲୋଟ୍ ଏଡ୍‌ୱାର୍ଡସ ଏବଂ ନ୍ୟୁଜିଲାଣ୍ଡ୍‌ର ସୁଜି ବେଟ୍‌ସ। ୨୨୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଶ୍ରୀଲଙ୍କା ୧୯୧/୬ରେ ଅଟକି ଯାଇଥିଲା। ଏହି ବିଜୟ ସହ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୪-୦ରେ ଆଗରେ ରହିଛି।

# ବରଗଡ଼ରେ ୫୦ ମିଟର ଇଣ୍ଡୋର୍ ସନ୍ତରଣାଗାରର ଭିତ୍ତିପ୍ରସ୍ତର ସ୍ଥାପନ କଲେ ସୂର୍ଯ୍ୟବଂଶୀ ସୁରଜ

## ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ୍ ଉନ୍ନୟନ ପ୍ରକଳ୍ପ ସହ ସ୍ପୋର୍ଟସ କମ୍ପ୍ଲେକ୍ସର ଘୋଷଣା

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲାର କ୍ରୀଡ଼ା ଢାଞ୍ଚାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସ୍ଥାନୀୟ ତୋରା ସ୍ଥିତ ଲା ଫ୍ଲୋରା ରେସୋର୍ଟ ପରିସରରେ ୫୦ ମିଟର ଲମ୍ବର ଏକ ଆଧୁନିକ ଇଣ୍ଡୋର୍ ସନ୍ତରଣାଗର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କ୍ରୀଡା ଓ ଯୁବସେବା, ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ତାଙ୍କ କରକମଳରେ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ଏହି ଅବସରରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଓ ବିଜେପୁର ବିଧାୟକ ସନତ ଗଡ଼ତିଆ ପ୍ରମୁଖ ଉପସ୍ଥିତ ରହିଥିଲେ।

ତୋରା, ବରଗଡ଼ରେ ନିର୍ମିତ ହେବାକୁ ଯାଉଥିବା ୫୦ ମିଟର ଇଣ୍ଡୋର୍ ସନ୍ତରଣାଗର ପ୍ରକଳ୍ପର ପ୍ରାୟ ୨୩ କୋଟି ଟଙ୍କା ଅନୁମୋଦିତ ହୋଇଛି। ଏହି ପ୍ରକଳ୍ପରେ ଆଧୁନିକ ମାନକର ଏକ ୫୦ ମିଟର ସନ୍ତରଣାଗର ସହ ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ୍ ଚେଞ୍ଜିଂ ରୁମ୍ ଓ ଶୌଚାଳୟ ଭବନ, କାର୍ଯ୍ୟାଳୟ କକ୍ଷ, ବହୁଦେଶୀୟ କକ୍ଷ ଏବଂ ବାହ୍ୟ ଉନ୍ନୟନ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ବାହ୍ୟ ଉନ୍ନୟନରେ ଲ୍ୟାଣ୍ଡସ୍କେପିଂ, ଡ୍ରେନେଜ୍ ପ୍ରଣାଳୀ ଓ ପାର୍କିଂ ସୁବିଧା ନିର୍ମାଣ କରାଯିବ।

ଏହି ସନ୍ତରଣାଗର ନିର୍ମାଣ ଦ୍ୱାରା ବରଗଡ଼ ଜିଲ୍ଲାର କ୍ରୀଡ଼ାବିତ୍‌ମାନେ ଆଧୁନିକ ଓ ଅନ୍ତର୍ଜାତୀୟ ମାନକର ଅଭ୍ୟାସ ସୁବିଧା ପାଇବେ ଏବଂ ରାଜ୍ୟ ସହ ଜାତୀୟ ସ୍ତରର ପ୍ରତିଯୋଗିତା ପାଇଁ ସୁସଜ୍ଜିତ ହୋଇପାରିବେ।

ତୋରା, ବରଗଡ଼ରେ ନିର୍ମିତ ହେବାକୁ ଯାଉଥିବା ଏକ ସ୍ପୋର୍ଟସ୍ କମ୍ପ୍ଲେକ୍ସ ବିଷୟରେ



ମଧ୍ୟ ମନ୍ତ୍ରୀ ସୂଚନା ଦେଇଥିଲେ। ଏହି ପ୍ରକଳ୍ପ ପାଇଁ ପ୍ରାୟ ୫୮ କୋଟି ଟଙ୍କା ବ୍ୟୟ କରିବା ପାଇଁ ଧାର୍ଯ୍ୟ କରାଯାଇଛି। ଏହି ବହୁମୁଖୀ କ୍ରୀଡ଼ା ସଂକୁଳରେ ଆଧୁନିକ ସୁବିଧାସହିତ କ୍ରିକେଟ୍, ଫୁଟବଲ୍ ମଇଦାନ ସହ ଫ୍ୟାସିଲିଟି ବିଲ୍ଡିଂ, ୮ ଲେନ୍ ବିଶିଷ୍ଟ ସିନ୍ଥେଟିକ୍ ଆଥଲେଟିକ୍ ଟ୍ରାକ୍, କ୍ରିକେଟ୍ ନେଟ୍ ପ୍ରାକ୍ଟିସ୍ ପିଚ୍, ବାସକେଟବଲ୍, ଭଲିବଲ୍, ଖୋ-ଖୋ, କବାଡ଼ି ଓ ଦୁଇଟି ଟେନିସ୍ କୋର୍ଟ ସହ ବାହ୍ୟ ଉନ୍ନୟନ କାର୍ଯ୍ୟ ନିର୍ମାଣ କରାଯିବ। ଏହି ସ୍ପୋର୍ଟସ୍ କମ୍ପ୍ଲେକ୍ସ ବରଗଡ଼କୁ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା କେନ୍ଦ୍ର ଭାବେ ଉଦ୍‌ଭାସିତ କରିବ ବୋଲି ଆଶା କରାଯାଉଛି।

ଏହି ଅବସରରେ ବରଗଡ଼ର ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ୍ ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ମାନନୀୟ ମନ୍ତ୍ରୀ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ପ୍ରକଳ୍ପ ଅନ୍ତର୍ଗତ ଷ୍ଟାଡିୟମ୍‌ରେ ସ୍ପୋର୍ଟସ୍ ହାଇମାଷ୍ଟ ଏଲଇଡି ଲାଇଟ୍ ସ୍ଥାପନ କରାଯିବା ସହ ଖେଳ ମାଇଦାନର ଉନ୍ନୟନ ଓ ବାହ୍ୟ ଡ୍ରେନେଜ୍ ପ୍ରଣାଳୀକୁ ସୁଦୃଢ଼ କରାଯିବ।

କ୍ରୀଡ଼ା ମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ଏହି ଦୁଇଟି ପ୍ରକଳ୍ପ ବରଗଡ଼ ଜିଲ୍ଲାର କ୍ରୀଡ଼ା ବିକାଶକୁ ନୂଆ ଦିଗ ଦେବ ଏବଂ ଯୁବପିଢ଼ିଙ୍କୁ କ୍ରୀଡ଼ା ପ୍ରତି ଆକର୍ଷିତ କରି ସୁସ୍ଥ ଓ ସକ୍ରିୟ ଜୀବନଶୈଳୀ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ।

ଉପସ୍ଥିତ ସମ୍ମାନନୀୟ ଅତିଥିମାନେ ଏହି କ୍ରୀଡ଼ାମୁଖୀ ପଦକ୍ଷେପ ପାଇଁ ରାଜ୍ୟ ସରକାରଙ୍କୁ ସ୍ୱାଗତ ଜଣାଇ ବରଗଡ଼ ଜିଲ୍ଲା ପାଇଁ ଏହାକୁ ଏକ ମାଇଲଷ୍ଟୋନ୍ ବୋଲି ଅଭିହିତ କରିଥିଲେ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁରର ସର୍ବୋପୁରାତନ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ହାରୋ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ସମାପ୍ତ ହୋଇଛି। ସବ ଜୁନିୟର, ଜୁନିୟର ଓ ସିନିୟର ଏହିପରି ୩ ଭାଗରେ ବାଳିକା ଓ ବାଳକ ମାନଙ୍କର ହୋଇଥିବା ଆଉଟଡୋର, ଆଥଲେଟିକ୍ ଓ ଇଣ୍ଡୋର ବ୍ୟାଡ୍‌ମିଣ୍ଟନ ଓ କ୍ୟାରମ ପ୍ରତିଯୋଗିତାରେ ୨୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଓଭରଅଲ ଭାବରେ ସିନିୟର ବାଳିକାରେ ପ୍ରତ୍ୟୁଷା ପ୍ରିୟଦର୍ଶିନୀ ସେଠୀ ଓ ଜୁନିୟର ବାଳିକାରେ କନିଷା କିରଣ ପୁହାଣ ଚାମ୍ପିଅନ ହୋଇଥିବା ବେଳେ ବାଳକ ବିଭାଗରେ ଅନାସ ଅଲ୍ଲୀ ଚାମ୍ପିଅନ ହୋଇଛନ୍ତି। ଏହି ପ୍ରତିଯୋଗିତାଗୁଡିକୁ ଯାଜପୁର ମିନିଷ୍ଟାଡିୟମ ଓ ସ୍କୁଲ କ୍ୟାମ୍ପସ ମଧ୍ୟରେ ସ୍କୁଲର ଅଧ୍ୟକ୍ଷ ସରୋଜ ପତିଙ୍କ ସହ ଶ୍ରୀ ବିଶ୍ୱଜିତ, ଦେବୀ ସାମଲ, ଦାଶରଥୀ ମାଝି, ଜୟଶ୍ରୀ ପଣ୍ଡା, ପ୍ରକାଶ ମିଶ୍ର, ମୋନାଲିସା ସାମଲ, କୁମାରୀ ଶେଫାଳି, ମିସ ଆଏଶା, ମିସ ସମସାର, ମିସ ୟାଶ୍ମିନ ପ୍ରମୁଖ ପରିଚାଳନା କରିଥିଲେ।

# 'ବିରାଟ ଓ ରୋହିତ୍ ଜିତିବେ ୨୦୨୭ ବିଶ୍ୱକପ୍' : ଦିନେଶ ଲାଡ୍

**ନୂଆଦିଲ୍ଲୀ**



ଟିମ୍ ଇଣ୍ଡିଆର ଦୁଇ ଭରସାଯୋଗ୍ୟ କ୍ରିକେଟର ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କୁ ନେଇ ବଡ଼ ଭବିଷ୍ୟବାଣୀ କରିଛନ୍ତି ନିଜେ ହିଟ୍‌ମ୍ୟାନଙ୍କ କୋଚ୍। ଭାରତୀୟ କ୍ରିକେଟ୍ ପ୍ରଂଶସକଙ୍କ ଲାଗି ଏହା ଏକ ଖୁସିର ଖବର କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ରୋକୋ ଯୋଡ଼ି ଆଗାମୀ ଦିନିକିଆ ବିଶ୍ୱକପରେ ଭାରତ ପାଇଁ ଖେଳିବେ ଏବଂ ବିଜୟୀ କରାଇବେ। ଏଭଳି ଏକ ବଡ଼ ଭବିଷ୍ୟବାଣୀ କରାଯାଇଛି। ଏବେ ଉଭୟ ଖେଳାଳି ବିଜୟ ହଜାରେ ଟ୍ରଫି ଖେଳୁଛନ୍ତି। କୋହଲି ଦମ୍‌ଦାର ଫର୍ମରେ ନଜର ଆସିଛନ୍ତି। ଅନ୍ୟପଟେ ହିଟ୍‌ମ୍ୟାନ ସିକ୍କିମ ବିପକ୍ଷ ମ୍ୟାଚ୍‌ରେ ଏକ ଚମତ୍କାର ଶତକୀୟ ପାଳି ଖେଳିବାରେ ସକ୍ଷମ ହୋଇଥିଲେ। ସେ ୯୭ ବଲରୁ ୧୫୫ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ଦୁଇ ମହାନ ଖେଳାଳିଙ୍କ ଫର୍ମକୁ ଦେଖି ରୋହିତଙ୍କ ପିଲା ବେଳର କୋଚ୍ ଏକ ବଡ଼ ଭବିଷ୍ୟବାଣୀ କରିଛନ୍ତି।

ରୋହିତଙ୍କ ପିଲା ବେଳର କୋଚ୍ ଦିନେଶ ଲାଡ୍ କହିଛନ୍ତି କି, ରୋକୋ ଯୋଡ଼ି କେବଳ ୨୦୨୭ ବିଶ୍ୱକପ ଖେଳିବେ ନାହିଁ ବରଂ ଇତିହାସ ରଚିବେ। ସେ କହିଛନ୍ତି କି, ଉଭୟ ଏବେ ଯେଉଳି ପ୍ରଦର୍ଶନ କରୁଛନ୍ତି ମୋର ବିଶ୍ୱାସ ଉଭୟ ୨୦୨୭ ବିଶ୍ୱକପ ଖେଳିବେ ଏବଂ ଟ୍ରଫି ଜିତିବେ। ମୁଁ ଏହାର ୧୦୦ ପ୍ରତିଶତ ଗ୍ୟାରେଣ୍ଟି ଦେଉଛି।

ଯଦି ଆମେ କ୍ରିକେଟ ବିଶେଷଜ୍ଞଙ୍କ କଥାକୁ ବିଶ୍ୱାସ କରିବା, ତା'ହେଲେ ଟି-୨୦ ଏବଂ ଟେଷ୍ଟରୁ ଅବସର ନେଇ ସାରିଥିବା ଏହି ଦୁଇ ମହାନ କ୍ରିକେଟରଙ୍କ ଦିନିକିଆ ଦଳରେ ରହିବା ନିହାତି ଆବଶ୍ୟକ। ଟେଷ୍ଟ ଦଳରୁ ଅବସର ନେବା ପରେ ଦଳର ସ୍ଥିତି ଏବେ କେମିତି ରହିଛି ତାହା ସମସ୍ତଙ୍କୁ ବେଶ ଭଲଭାବେ ଜଣା। ନିକଟରେ ଅଷ୍ଟ୍ରେଲିଆ ଗସ୍ତ ଏବଂ ଦକ୍ଷିଣଆଫ୍ରିକା ବିପକ୍ଷ ଦିନିକିଆରେ ଉଭୟ ଖେଳାଳି ଭଲ ପ୍ରଦର୍ଶନ କରିଥିଲେ। କୋହଲି ଲଗାତାର ଭଲ ଫର୍ମରେ ରହିଛନ୍ତି। ଏବେ ବିଜୟ ହଜାରେ ଟ୍ରଫିରେ ମଧ୍ୟ ନିଜର ଉଚ୍ଚକୋଟିର ଖେଳ ପ୍ରଦର୍ଶନ ଜାରି ରଖିଛନ୍ତି। ଏଣୁ ଏହି ଦୁଇ ମହାନ ଖେଳାଳି ଭାରତୀୟ ଦିନିକିଆ ଦଳ ପାଇଁ କେତେ ଜରୁରୀ ତାହା ସମସ୍ତଙ୍କୁ ବେଶ ଭଲ ଭାବେ ଜଣା। ଏଣୁ ଉଭୟ କେତେଦିନ ଖେଳ ଜାରି ରଖୁଛନ୍ତି ଏବଂ ବିଶ୍ୱକପରେ ଭାଗ ନେଉଛନ୍ତି କି ନାହିଁ ତା ଉପରେ ରହିଛି ସମସ୍ତଙ୍କ ନଜର।

## ବନଦୁର୍ଗା ଫୁଟବଲ ଟୁର୍ଣ୍ଣାମେଣ୍ଟ

# ମାଗୁରବେଡ଼ାକୁ ହରାଇ ଅମାମୁଣ୍ଡା ଚାମ୍ପିଅନ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ଲୋଇସିଂହା ବ୍ଲକ ଅନ୍ତର୍ଗତ ମାଗୁରବେଡ଼ା ପଞ୍ଚାୟତ ନିକଟରେ ଲୋୟର ସୁକତେଲ ଡ୍ୟାମ୍ ଖେଳ ପଡ଼ିଆରେ ବନଦୁର୍ଗା ଫୁଟବଲ ଟୁର୍ଣ୍ଣାମେଣ୍ଟ ୫ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଚତୁର୍ଥ ଦିବସରେ ଅତିରିକ୍ତ ଆରକ୍ଷି ଅଧିକ୍ଷକ ଗୁଣନିଧି ମଲ୍ଲିକ ଏବଂ ଅଧ୍ୟାପକ ଡ. ସୁରେଶ ଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସ ଫାଇନାଲ ମ୍ୟାଚ୍‌ରେ ମାଗୁରବେଡ଼ାକୁ ଟ୍ରାଇବ୍ରେକରରେ ୫-୪ ଗୋଲରେ ହରାଇ ଅମାମୁଣ୍ଡା ଚାମ୍ପିଅନ ହୋଇ ଟ୍ରଫି ସହ ୧୦ହଜାର ଟଙ୍କା ଏବଂ ମାଗୁରବେଡ଼ା ଦଳ ୭୦୦୦ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ମେରା ଯୁବା ଭାରତ (ନେହେରୁ ଯୁବକେନ୍ଦ୍ର) ସହାୟତାରେ ବନଦୁର୍ଗା ମହୋତ୍ସବ କମିଟି ଓ ସିଦ୍ଧାଶ୍ରମ ସେବା ପ୍ରତିଷ୍ଠାନ, ବାରପୁଡୁଗିଆ ଉଦ୍ୟମରେ ଏକ ନୂତନ ଭାବେ ନିର୍ମିତ ଖେଳ ପଡ଼ିଆରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଇଂ ସୁରେନ୍ଦ୍ କୁମାର ଭୋଇ ଯୋଗ ଦେଇ ଉଭୟ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ ଏବଂ ତାଙ୍କ ବକ୍ତବ୍ୟରେ ସୁକତେଲ ପ୍ରକଳ୍ପ ଦ୍ୱାରା ପ୍ରଭାବିତ କ୍ରୀଡ଼ା ପ୍ରେମୀଙ୍କ ପାଇଁ ଏହି ପଡ଼ିଆ ଅନେକ ସୁଯୋଗ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ ଓ ଆଗାମୀ ଦିନରେ ଏହି ପଡ଼ିଆକୁ ଉନ୍ନତ ଧରଣର ଏକ ଷ୍ଟାଡିୟମ ନିର୍ମାଣ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବରିଷ୍ଠ ଫୁଟବଲ ଖେଳାଳି ଲୋକନାଥ କୁମୁରା, ପ୍ରଭୁଦତ୍ତ ପ୍ରଧାନ, ପ୍ରକାଶ ବରାଇ, ସମାଜସେବୀ ବିଶ୍ୱଜିତ ନାଥ, ଓକିଲ ରଂଜନ ଭୋଇ, ସରପଞ୍ଚ ସଦାଶିବ କନ୍ଧେର। ଏହି କାର୍ଯ୍ୟକ୍ରମକୁ ବନଦୁର୍ଗା ମହୋତ୍ସବ କମିଟିର ସଭାପତି ସଂଜୟ କୁମାର ଗଡତ୍ୟା ଓ ଉପ-ସଭାପତି କୈଳାସ ଚନ୍ଦ୍ର ସିଂଦେଓ, ସଂପାଦକ ଜୟକୃଷ୍ଣ ମିଶ୍ର, ସହ-ସଂପାଦକ ବିକାଶ ରଂଜନ ରଥ, କୋଷାଧକ୍ଷ ନରେନ୍ଦ୍ର କୁମାର ବିଶି, ରାମ କିଶୋର ଅଦାବରିଆ, ପ୍ରମୋଦ ପଟେଲ, ଭରତ କୁମାର ସାହୁ, ପିଙ୍କୁ ଭୋଇ, ବ୍ୟାସଦେବ ବନଛୋର, ଅଜୟ ଗଡ୍‌ତ୍ୟା ଓ ରେଫରି ଉମେଶ ଭୋଇ, ଜଳନ୍ଧର ସାହୁ, ସଂଜିବ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।



# ଟି୨୦ ପରେ ଏବେ ଦିନିକିଆରୁ ବି ବାଦ୍ ପଡ଼ିବେ ପନ୍ତ !

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ଦିନିକିଆ ଟିମ୍‌ରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ୨୦୨୫-୨୬ ସିଜନର ଶେଷ ଘରୋଇ ଓଡିଆଇ ସିରିଜ ଅର୍ଥାତ ନ୍ୟୁଜିଲାଣ୍ଡ ବିପକ୍ଷ ତିନି ମ୍ୟାଚ୍ ସିରିଜ୍ ପାଇଁ ବିସିସିଆଇ ଏକ ବଡ଼ ନିଷ୍ପତ୍ତି ନେବାକୁ ଯାଉଛି। ଦଳର ଜଣେ ୭୯୮୦ ଷ୍ଟାର ଖେଳାଳିକୁ ଟି୨୦ ପରେ ଏବେ ଓଡିଆଇ ଦଳରୁ ମଧ୍ୟ ବାହାର କରାଯାଇପାରେ। ଏହି ଖେଳାଳି ଗତ କିଛି ସମୟ ଧରି ଭାରତୀୟ ଓଡିଆଇ ଦଳର ପ୍ଲେଇଙ୍ଗ ୧୧ରେ ସ୍ଥାନ ପାଇବାକୁ ସଂଘର୍ଷ କରୁଛନ୍ତି ଏବଂ ଏବେ ଏକ ଫର୍ମରେ ଥିବା ଖେଳାଳିଙ୍କ ଦ୍ୱାରା ବଦଳାଯାଇ ପାରନ୍ତି।

ନ୍ୟୁଜିଲାଣ୍ଡ ବିପକ୍ଷ ଓଡିଆଇ ସିରିଜ ପାଇଁ ବିସିସିଆଇର ସିନିୟର ସେଲେକ୍ସନ କମିଟି ୩ ଜାନୁଆରୀ କିମ୍ବା ୪ ଜାନୁଆରୀ (ରବିବାର)ରେ ଦଳ ଘୋଷଣା କରିପାରେ।

ରିପୋର୍ଟ ଅନୁଯାୟୀ, ଏହି ଦଳରୁ ଷ୍ଟାର ଉଇକେଟକିପର ବ୍ୟାଟ୍ସମ୍ୟାନ ଋଷଭ ପନ୍ତଙ୍କୁ ବାହାର କରାଯାଇ ପାରେ। ଟିମ୍ ମ୍ୟାନେଜମେଣ୍ଟ ଫର୍ମ ଏବଂ କମ୍ବିନେସନକୁ ଦୃଷ୍ଟିରେ ରଖି ନୂଆ ଦିଗରେ କାମ କରୁଛି। ଏହି ସିରିଜ ୧୧ ଜାନୁଆରୀରୁ ୧୮ ଜାନୁଆରୀ ଯାଏ ଖେଳାଯିବ। ପନ୍ତ ଏହାପୂର୍ବରୁ ଟି୨୦ ୱାର୍ଲଡ କପ ୨୦୨୬ ପାଇଁ ଦଳରେ ସ୍ଥାନ ପାଇବାରେ ବିଫଳ ହୋଇଥିଲେ। ପନ୍ତଙ୍କ ସ୍ଥାନରେ ଈଶାନ କିଶନଙ୍କୁ ମଜବୁତ ସମ୍ଭାବନା ରହିଛି, ଯିଏ ଘରୋଇ କ୍ରିକେଟରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପନ୍ତ ତାଙ୍କର ଶେଷ ଓଡିଆଇ ମ୍ୟାଚ୍ ଅଗଷ୍ଟ ୨୦୨୪ରେ ଶ୍ରୀଲଙ୍କା ବିପକ୍ଷ କଲମ୍ବୋରେ ଖେଳିଥିଲେ। ଏହାପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ଦଳରେ ରହିଥିଲେ କିନ୍ତୁ କୌଣସି ମ୍ୟାଚ ଖେଳିପାରି ନ ଥିଲେ। ଏବେ ସିଲେକ୍ଟରମାନେ ନ୍ୟୁଜିଲାଣ୍ଡ ସିରିଜ ପାଇଁ ତାଙ୍କଠାରୁ ଆଗକୁ ବଢ଼ିବାର ନିଷ୍ପତ୍ତି ନେଇଛନ୍ତି। କେଏଲ ରାହୁଲ ଉଇକେଟକିପର ବ୍ୟାଟ୍ସମ୍ୟାନ ଭାବେ ମ୍ୟାନେଜମେଣ୍ଟର ପ୍ରଥମ ପସନ୍ଦ ରହିଛନ୍ତି, ଯାହା କାରଣରୁ ପନ୍ତଙ୍କୁ ସୁଯୋଗ ମିଳୁନି ଏବଂ ଈଶାନ କିଶନଙ୍କ ଫର୍ମ ତାଙ୍କ ପାଇଁ ବଡ଼ ବିପଦ ସାବ୍ୟସ୍ତ ହୋଇଛି। ଈଶାନ କିଶନ ଦୁଇ ବର୍ଷରୁ ଅଧିକ ସମୟ ପରେ ଓଡିଆଇ ଦଳକୁ ଫେରିବେ। ଭାରତ ପାଇଁ ତାଙ୍କର ଶେଷ ୫୦ ଓଭର ମ୍ୟାଚ ୨୦୨୩ ୱାର୍ଲଡ କପ୍‌ରେ ଆଫଗାନିସ୍ତାନ ବିପକ୍ଷରେ ଥିଲା। ଏହାପରେ ଘରୋଇ ସିରିଜରେ ସେ ଅସାଧାରଣ ପ୍ରଦର୍ଶନ କରିଛନ୍ତି। ଘରୋଇ ସ୍ତରରେ ଲଗାତାର ଭଲ ପ୍ରଦର୍ଶନ କରି ସେଲେକ୍ଟର ମାନଙ୍କ ନିକଟରେ ସେ ମଜବୁତ ଦାବି ଉପସ୍ଥାପନ କରିଥିଲେ। ଏହି ଦୁଇ ଖେଳାଳିଙ୍କ ମଧ୍ୟରେ ପ୍ରତିଯୋଗିତା ଭାରତୀୟ ଓଡିଆଇ ଦଳର ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପାରେ। ଦଳ ଘୋଷଣା ପରେ ଆହୁରି ସ୍ପଷ୍ଟତା ମିଳିବ।

# ଜିଲ୍ଲା ପାରାକ୍ରୀଡ଼ାସଂଘର ପରିବର୍ଦ୍ଧିତ କମିଟି ଗଠିତ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାରେ ପାରାକ୍ରୀଡାର ବିକାଶ ଓ ପ୍ରୋତ୍ସାହନ ପ୍ରଦାନ ଅଭିଲକ୍ଷ୍ୟରେ ପୂର୍ବରୁ ଗଠିତ କେନ୍ଦ୍ରାପଡ଼ା ପାରାକ୍ରୀଡ଼ା ସଂଘର ପୁନର୍ଗଠନ କରାଯାଇଛି। ଆଗାମୀ ଦିନରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଥମ କରି ଜିଲ୍ଲାସ୍ତରୀୟ ଏକ ପାରାକ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ କରାଇବା ଉଦ୍ଦେଶ୍ୟରେ ପୂର୍ବ ଗଠିତ କମିଟିକୁ ପରିବର୍ଦ୍ଧିତ କରାଯାଇଛି ବୋଲି ଏହାର ଅନ୍ୟତମ ଉପଦେଷ୍ଟା ମହମ୍ମଦ୍ ଜାହିଦ୍ ଖାନ୍ ପ୍ରକାଶ କରିଛନ୍ତି। ଏହି ନବ ନିର୍ବାଚିତ କମିଟିରେ ମନୋରଞ୍ଜନ ସିଂହ ସଭାପତି, ସରୋଜକାନ୍ତ ସାହୁ କାର୍ଯ୍ୟକାରୀ ସଭାପତି, ସାଗର କୁମାର ଜେନା ସମ୍ପାଦକ ଓ କମିଟିର କୋଷାଧକ୍ଷ ଭାବେ ବଂଶୀଧର ମହାନ୍ତି, ସଂଗଠନ ସମ୍ପାଦକ ରୂପେ ଜାତୀୟ ପାରା କ୍ରୀଡ଼ାବିତ୍ ପ୍ରଶାନ୍ତ ନାୟକ, ସହ ସମ୍ପାଦିକା ଭାବେ ଅନ୍ତର୍ଜାତୀୟ ପାରାକ୍ରୀଡ଼ାବିତ୍ ମୋନାଲି ସ୍ୱାଇଁ, ଉପ ସଭାପତି ରୂପେ ଜାତୀୟ ପାରାସନ୍ତରଣକାରୀ ବଳରାମ ସ୍ୱାଇଁ ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଛି। ଜିଲ୍ଲାସ୍ତରରେ ଗଠିତ ଏହି ପାରାକ୍ରୀଡା ସଂଗଠନକୁ ଅଧିକ ସକ୍ରିୟ ଓ ମାର୍ଗଦର୍ଶନ ନିମନ୍ତେ ଏହି କମିଟିର ସ୍ଥାୟୀ ମୁଖ୍ୟ ଉପଦେଷ୍ଟା ରୂପେ କେନ୍ଦ୍ରାପଡ଼ା ଜିଲ୍ଲାରେ ଭିନ୍ନକ୍ଷମଙ୍କ ସଶକ୍ତିକରଣ ନିମନ୍ତେ କାର୍ଯ୍ୟାରତ ଅନୁଷ୍ଠାନ ପୁନର୍ବାସର ପ୍ରତିଷ୍ଠାତା ବିରଜା ରାଉତରାୟ ଉପଦେଷ୍ଟା ରୂପେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା, ପ୍ରଫେସର ତ୍ରିଲୋଚନ ପ୍ରଧାନ ଓ ବରିଷ୍ଠ ଆଡ଼ଭୋକେଟ୍ ସୁଶ୍ରୀ ନାୟକଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ଏହା ବ୍ୟତୀତ ଏହି ନୂତନ ପରିବର୍ଦ୍ଧିତ କମିଟିର କାର୍ଯ୍ୟକାରୀ ପରିଷଦର ସଭ୍ୟ ରୂପେ କେନ୍ଦ୍ରାପଡ଼ା ଜିଲ୍ଲା ଆଥଲେଟିକ୍ ସଂଘର ଅଭିଜ୍ଞ କ୍ରୀଡ଼ା ପ୍ରଶିକ୍ଷକ ଜ୍ୟୋତିର୍ମୟ ଦାଶ, ପ୍ରଶିକ୍ଷକ ଶେଖ୍ ସୌକତ ଅଲ୍ଲୀ, ଜାତୀୟ ପାରାକ୍ରୀଡ଼ାବିତ୍ ସୁଧୀର କୁମାର ମଲ୍ଲିକ ଓ ସ୍ୱତନ୍ତ୍ର ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ ପ୍ରମୁଖ ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି।

## ଅନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଆଇସିସି ଇଚ୍ଛାପୁରମ ୧୬୮ ରନରେ ବିଜୟୀ




**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମିନି ଷ୍ଟାଡିୟମରେ ରମ୍ଭା କପ୍ ସିଜନ-୪ ପକ୍ଷରୁ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସରେ ପାନାସୋନିକ ଆସ୍କା ସହ ଆଇସିସି ଇଚ୍ଛାପୁରମ ମଧ୍ୟରେ ଦମ୍‌ଦାର ଖେଳ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବ୍ଲକ ସାବୁଲିଆ ଗ୍ରାମପଞ୍ଚାୟତର ବିଜେପି ଯୁବନେତା ସୋନୀ ପଳେଇଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ତତ୍ ସଙ୍ଗେ ସଙ୍ଗେ ଉପାଧ୍ୟକ୍ଷ କାଳିଆ ତରେଇ, ରମ୍ଭା କ୍ରିକେଟ କ୍ଲବ ସଭାପତି ସୀମାଞ୍ଚଳ ବାଡ଼ତ୍ୟା, ଉପସଭାପତି ହିମାଂଶୁ ବୈଠାରୁ, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି ପ୍ରମୁଖ ମଞ୍ଚାସୀନ ରହିଥିଲେ। ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସରେ ପ୍ରଥମ ଇନିଂସ୍‌ରେ ଆଇସିସି ଇଚ୍ଛାପୁରମ ଅଧିନାୟକ ବି. ଲାବନ ଟସ୍ ଜିତି ବୋଲିଂର ନିଷ୍ପତ୍ତି ନେଇଥିଲେ। ପାନାସୋନିକ ଆସ୍କା ବ୍ୟାଟିଂ କରି ୨୦ ଓଭର ୮ ଉଇକେଟ ହରାଇ ୧୬୭ ରନ ସଂଗ୍ରହ କରିଥିବା ବେଳେ ଜବାବରେ ବି. ଲିଖିତଙ୍କ ସର୍ବାଧିକ ୩୩ ବଲରେ ୩୯ ରନ ସଂଗୃହିତ ହୋଇଥିଲା। ସେଥିରେ ୪ ଚୌକା ୨ ଛକା ହାସଲ କରିଥିଲେ। ୧୬୮ ରନ କରି ୨ ଉଇକେଟରେ ବିଜୟ ହାସଲ କରି ବି. ଲିଖିତ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଏଥିରେ ଭାଷ୍ୟକାର ସନ୍ତୋଷ କୁମାର ନାହାକ ଓ ମହେଶ ମୁଦ୍ରା ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଜଗନ୍ନାଥ ଚୌଧୁରୀ (ବ୍ରହ୍ମପୁର) ରହିଥିବା ବେଳେ ଅମ୍ପାୟାର ଆଶୁତୋଷ ପାଣି (ଯାଜପୁର) ଓ ହିମାଂଶୁ ବୈଠାରୁ ରମ୍ଭା ରହିଥିଲେ। ରବିବାରର ମ୍ୟାନ ଅଫ ଦି ଇଚ୍ଛାପୁରମର ବି. ଲିଖିତଙ୍କୁ ମୁଖ୍ୟ ଅତିଥି କପ ପ୍ରଦାନ କରିଥିଲେ। ରମ୍ଭା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ମହେଶ୍ୱର ନାୟକ (ହାପି), ଗୁପ୍ତ, ଭବାନୀ, ସିଲୁ, ସୌମ୍ୟ, ଟିକୁ, କୃଷ୍ଣ, ବିକି, ଦୁଷ୍ମନ୍ତ, ଉମା, ସଚିନ, ଓ ସଦସ୍ୟା ଜୁଲି, ମଲି, ଇତି, ଝରଣା, ପ୍ରମୁଖ ସହଯୋଗ କରିଥିଲେ।

ଭୁବନେଶ୍ୱର
୨୯ ଡିସେମ୍ବର,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ଶ୍ରୀମନ୍ଦିର ପରିଚାଳନା କମିଟିର ଗଜପତି ମହାରାଜା ଓ ଆଇନମନ୍ତ୍ରୀଙ୍କୁ ଚିଠି

# ମହାପ୍ରଭୁଙ୍କୁ ରାତି ଅନିଦ୍ରା ନ ରଖିବାକୁ ଅନୁରୋଧ

**ପୁରୀ,୨୮/୧୨ ନ୍ୟୁଜ ବ୍ୟୁରୋ**

ନୂଆବର୍ଷ ପୂର୍ବଦିନ ଅର୍ଥାତ ଡିସେମ୍ବର ୩୧ ତାରିଖ ରାତିରେ ମହାପ୍ରଭୁଙ୍କୁ ରାତି ଅନିଦ୍ରା ନ ରଖିବାକୁ ଅନୁରୋଧ କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଗଜପତି ମହାରାଜା ଓ ଆଇନମନ୍ତ୍ରୀଙ୍କୁ ଏନେଇ ଚିଠି ଲେଖିଲେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ପଣ୍ଡିତ ମହେଶ ସାହୁ। କିଛିବର୍ଷ ହେବ ଡିସେମ୍ବର ୩୧ ତାରିଖ ମଧ୍ୟ ରାତ୍ରରୁ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରୁଥିବା ବେଳେ ମହାପ୍ରଭୁଙ୍କୁ ମଧ୍ୟ ରାତ୍ରିରୁ ଅନିଦ୍ରା ରଖାଯାଉଛି। ଯାହାକି ଧାର୍ମିକ ତଥା ପରମ୍ପରା ଦୃଷ୍ଟିକୋଣରୁ ଆଦୌ ଠିକ୍ ନୁହେଁ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି ପଣ୍ଡିତ ମହେଶ ସାହୁ। ତେଣୁ ଜାନୁଆରୀ ୧ ତାରିଖ ପାଇଁ ମହାପ୍ରଭୁଙ୍କୁ ରାତି ଅନିଦ୍ରା ନକରି ସ୍ୱାଭାବିକ ଭାବେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତିକାନ୍ତି



ଅନୁଷ୍ଠିତ କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଗଜପତି ମହାରାଜା ଓ ଆଇନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ମହେଶ ସାହୁ। ନୂଆବର୍ଷ ଯୋଗୁଁ ପୁରୀକୁ ପ୍ରବଳ ପର୍ଯ୍ୟଟକଙ୍କ ଆଗମନ ହେଉଛି। ଛୁଟିଦିନ ଥିବାରୁ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକ ଶ୍ରୀକ୍ଷେତ୍ର ମୁହାଁ ହେବେ। ପ୍ରବଳ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁରୀ ପୋଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ସେହିପରି ଠାକୁରଙ୍କ ଶୃଙ୍ଖଳିତ ନୀତି କାନ୍ତି ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଇଂରାଜୀ ନୂଆବର୍ଷ ଥିବାରୁ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ସେହିପରି ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ମଧ୍ୟ ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ ନୂଆବର୍ଷ ସେଲିବ୍ରେସନ ପାଇଁ ଏବେ ପୁରୀରେ ଅଧିକାଂଶ ହୋଟେଲ ଅନ୍‌ଲାଇନ ମାଧମରେ ବୁକିଂ ହୋଇଯାଇଥିବା ବେଳେ ସଭିଏଁ ପୁରୁଣା ବର୍ଷକୁ ବିଦାୟ ଦେଇ ମହାପ୍ରଭୁଙ୍କ ଦର୍ଶନରୁ ନୂଆବର୍ଷ ଆରମ୍ଭ କରିବେ ବୋଲି ଅପେକ୍ଷା କରିଛନ୍ତି।

# ନନ୍ଦନକାନନରେ ବିରଳ ଘଟଣା : ୩ ବର୍ଷ ବୟସରେ ମା' ହେଲା ବାଘୁଣୀ ଜୟଶ୍ରୀ

**ଭୁବନେଶ୍ୱର, ୨୮/୧୨
ନ୍ୟୁଜ ବ୍ୟୁରୋ**

ମା' ହେଲା ବାଘୁଣୀ ଜୟଶ୍ରୀ, ମାତ୍ର ୩ ବର୍ଷରେ ସର୍ବକନିଷ୍ଠ ମା' ହୋଇଛି ଏହି ବାଘୁଣୀ। ୩ ଶାବକଙ୍କ ମଧ୍ୟରୁ ୨ ମୃତ, ଛୁଆର ଲାଳନପାଳନ ଜାଣିନଥିବାରୁ ବିପଦରେ ଗୋଟିଏ ମାତ୍ର ଶାବକ, ଯାହାକୁ ଗ୍ରହଣ କରୁନି ମା' ଜୟଶ୍ରୀ। ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଘଟିଛି ଏହି ବିରଳ ଘଟଣା। ନନ୍ଦନକାନନ ଇତିହାସରେ ସର୍ବକନିଷ୍ଠ ମା' ବାଘୁଣୀ ଭାବେ ଜୟଶ୍ରୀ ରେକର୍ଡ କରିଛି। ତେବେ ଏତେ ଜଲଦି ମା' ହେବାରୁ ଶାବକମାନଙ୍କ ବଞ୍ଚିବା ଆଶା କ୍ଷୀଣ ରହିଛି। ୩ଟି ଶାବକ ମଧ୍ୟରୁ ଦୁଇଟିର ମୃତ୍ୟୁ ଘଟିଥିବା ବେଳେ ଗୋଟିଏକୁ ବାଘୁଣୀ ଗ୍ରହଣ କରୁନାହିଁ। ଗତ ଶନିବାର ସନ୍ଧ୍ୟାରେ ଜୟଶ୍ରୀ ୩ ଟି ଛୁଆ ପ୍ରସବ କରିଥିଲା। ସେଥି ମଧ୍ୟରୁ ଦୁଇଟି ଶାବକର ମୃତ୍ୟୁ ହୋଇଥିବା ବେଳେ ଜୀବିତ ଶାବକଟିକୁ 'ଜୟଶ୍ରୀ' ଗ୍ରହଣ କରିନଥିଲା। ତେଣୁ



ଶାବକଟିକୁ ଉଦ୍ଧାର କରି ତୁରନ୍ତ ନବଜାତ ଯତ୍ନ ୟୁନିଟକୁ ସ୍ଥାନାନ୍ତର କରାଯାଇଥିଲା। ଚିଡ଼ିଆଖାନାର ପଶୁଚିକିତ୍ସା ଡାକ୍ତରଙ୍କ ଦ୍ୱାରା କଡ଼ା ନଜର ରଖାଯାଇଥିଲା। ବାଘୁଣୀ ଜୟଶ୍ରୀ ୧୦୧ ଦିନର ଗର୍ଭଧାରଣ ପରେ ଗତ ଶନିବାର ପ୍ରଥମ ପ୍ରସବ କରିଛି। ସେ ଏକା ସାଙ୍ଗରେ ତିନୋଟି ଛୁଆ ଜନ୍ମ ଦେଇଥିଲା। ସେପ୍ଟେମ୍ବର ୧୫ ତାରିଖରୁ ୧୭ ମଧ୍ୟରେ ସେ ସାଧାରଣ ରଙ୍ଗର ବାଘ ଅମିତ ସହିତ ମିଳନ ହୋଇଥିବା ରେକର୍ଡ କରାଯାଇଛି। ଯେହେତୁ ଏହା ଜୟଶ୍ରୀର ପ୍ରଥମ ପ୍ରସବ ଥିଲା, ତେଣୁ ଯଥେଷ୍ଟ ମାତୃତ୍ୱ ପ୍ରବୃତ୍ତିର ବ୍ୟବହାର ଅଭାବ ରହିଥିଲା, ସେ ଶାବକଙ୍କର ଠିକ୍ ଭାବରେ ଯତ୍ନ ନେଇପାରି ନଥିଲା। ପ୍ରଥମ ଶାବକଟି ଦିନ ୧୧ଟା ୫୫ରେ ପ୍ରସବ ହୋଇଥିଲା। ବାଘୁଣୀ ଶାବକ ପ୍ରତି ଧ୍ୟାନ ଦେଇ ନଥିବାରୁ, ଏହାକୁ ତୁରନ୍ତ ନବଜାତ ଯତ୍ନ ୟୁନିଟକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ଚିଡ଼ିଆଖାନାର ପଶୁଚିକିତ୍ସା ଡାକ୍ତରଙ୍କ ଦ୍ୱାରା କଡ଼ା ନଜର ରଖାଯାଇଥିଲା। ଦ୍ୱିତୀୟ ଶାବକଟି ଅପରାହ୍ନ ପ୍ରାୟ ୩ଟା ୩୪ରେ ଜନ୍ମ ହୋଇଥିଲା ଏବଂ ଜନ୍ମ ସମୟରେ ଅତ୍ୟନ୍ତ ଦୁର୍ବଳ ଥିଲା। ଶାବକଟିକୁ ସମ୍ଭାଳିବାକୁ ଚେଷ୍ଟା କରିବା ସମୟରେ, ବାଘଟି ଭୁଲବଶତଃ ତା' ଉପରେ ଗଡ଼ିଗଲା, ଯାହା ଫଳରେ ଗୁରୁତର ଆଘାତ ଲାଗିଲା। ଯଦିଓ ଛୁଆଟିକୁ ତୁରନ୍ତ ଅଲଗା କରାଯାଇଥିଲା, କିନ୍ତୁ ଏହା ଆହତ ହୋଇ ଘଟଣାସ୍ଥଳେ ମୃତ୍ୟୁ ହୋଇଥିଲା। ତୃତୀୟ ଛୁଆଟି ସନ୍ଧ୍ୟା ୪ଟା ୫୫ରେ ଜନ୍ମ ହୋଇଥିଲା, କିନ୍ତୁ ଜନ୍ମ ହେବାର କିଛି ସମୟ ପରେ, ବାଘୁଣୀଟି ଛୁଆଟିକୁ ଖାଇଗଲା ବୋଲି କହିଛନ୍ତି ନନ୍ଦନକାନନର ଉପନିର୍ଦ୍ଦେଶକ ଏନ ସନତ କୁମାର। ତେବେ ତିନୋଟି ବାଘ ଛୁଆ ମଧ୍ୟରୁ, କେବଳ ଗୋଟିଏ ବାଘ ବଞ୍ଚିଛି। ବଞ୍ଚିଥିବା ବାଘ ଛୁଆଟି ବର୍ତ୍ତମାନ ଚିଡ଼ିଆଖାନା ଡାକ୍ତରଖାନାର ଆଇସିୟୁରେ ନିରନ୍ତର ପଶୁଚିକିତ୍ସା ଯତ୍ନ ଏବଂ ତଦାରଖରେ ଅଛି। ଯାହା ଦ୍ୱାରା ତା'ର ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସୁନିଶ୍ଚିତ ହୋଇପାରିବ। ଏହି ବାଘ ଛୁଆଟିର ଜନ୍ମ ସହିତ, ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ମୋଟ ବାଘ ସଂଖ୍ୟା ୨୯ (୧୮ ପୁରୁଷ: ୧୧ ମାଈ)ରେ ପହଞ୍ଚିଛି ବୋଲି କହିଛନ୍ତି ନନ୍ଦନକାନନର ଉପନିର୍ଦ୍ଦେଶକ।

# ଐତିହ୍ୟ ଗ୍ରାମ ରଘୁରାଜପୁର ବୁଲିଲେ ମୁଖ୍ୟ ନିର୍ବାଚନ କମିଶନର



**ପୁରୀ ୨୮।୧୨ ନ୍ୟୁଜ ବ୍ୟୁରୋ**

ପୁରୀ ଜିଲ୍ଲାର ଐତିହ୍ୟ ଗ୍ରାମ ରଘୁରାଜପୁର ପରିଦର୍ଶନ କରି ବେଶ୍ ଖୁସି ପ୍ରକଟ କରିଛନ୍ତି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର। ରଘୁରାଜପୁର ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ଗ୍ରାମବାସୀ ଏବଂ ପ୍ରଶାସନ ତରଫରୁ ଫୁଲତୋଡା ଦେଇ ସ୍ୱାଗତ କରି ଗ୍ରାମ ମଧ୍ୟକୁ ପାଛୋଟି ନେଇଥିଲେ। ରଘୁରାଜପୁର ଗ୍ରାମର ପ୍ରତ୍ୟେକଟି ଘର ବୁଲିବା ସହ କଳାକୃତି ଯଥା ପଟ୍ଟଚିତ୍ର, ଗୋବର କଣ୍ଢେଇ, ପେପର ମାସ୍କ ଇତ୍ୟାଦିକୁ ଦେଖିଥିଲେ ଉଭୟ ପତି-ପତ୍ନୀ। ପଟ୍ଟଚିତ୍ରରେ ନିଖୁଣ ଭାବେ ଚିତ୍ରିତ ହୋଇଥିବା ବିଭିନ୍ନ ବିଷୟବସ୍ତୁ, ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ରାମାୟଣ, ମହାଭାରତ, କୃଷ୍ଣଲୀଳା ଇତ୍ୟାଦିକୁ ଟିଖିନିଖି ଦେଖିବା ସହ ଏହା ବିଷୟରେ କାରିଗରଙ୍କୁ ପଚାରି ଅବଗତ ହୋଇଥିଲେ ମୁଖ୍ୟ ନିର୍ବାଚନ କମିଶନର ଓ ତାଙ୍କ ଧର୍ମପତ୍ନୀ। ସେପଟେ ମୁଖ୍ୟ ନିର୍ବାଚନ କମିଶନରଙ୍କ ଆଗରେ ଓଡ଼ିଶାର ପୁରାତନ ଲୋକକଳା ଗୋଟିପୁଅ ନୃତ୍ୟ କୁନିକୁନି କଳାକାରଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଯାହାକୁ ଦେଖି ସେ ଓ ତାଙ୍କ ଧର୍ମପତ୍ନୀ ଅଭିଭୂତ ହେବା ସହ ତାଳିମାରି ନୃତ୍ୟଶିଳ୍ପୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟପଟେ ରଘୁରାଜପୁର ପରିଦର୍ଶନ ପରେ ଜିଲ୍ଲା ପ୍ରଶାସନ ତରଫରୁ ଜଗନ୍ନାଥ ମହାପ୍ରଭୁଙ୍କ ଏକ ବିଶାଳ ପଟ୍ଟଚିତ୍ର ଓ ଗ୍ରାମବାସୀଙ୍କ ତରଫରୁ କିଛି କଳାକୃତି ମୁଖ୍ୟ ନିର୍ବାଚନ କମିଶନର ଏବଂ ତାଙ୍କ ଧର୍ମପତ୍ନୀଙ୍କୁ ଭେଟି ଦିଆଯାଇଥିଲା।

# ଏସ୍‌ଓପି ଚୂଡାନ୍ତ : ୩ ପର୍ଯ୍ୟାୟରେ ଗଣା ହେବ ରତ୍ନଭଣ୍ଡାର ଅଳଙ୍କାର

**ପୁରୀ, ୨୮/୧୨ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଣତି ମଣତି ପାଇଁ ଏସ୍‌ଓପି ପ୍ରସ୍ତୁତ ହୋଇଛି। ରାଜ୍ୟ ସରକାରଙ୍କ ଅନୁମତି ପରେ ଆରମ୍ଭ ହେବ ଗଣତି ମଣତି କାର୍ଯ୍ୟ। ଗଣତି ମଣତି ସମୟରେ ବାହାର କାଠରୁ ମହାପ୍ରଭୁଙ୍କୁ ଭକ୍ତଙ୍କ ଦର୍ଶନ ଜାରି ରହିବ। ତିନୋଟି ପର୍ଯ୍ୟାୟରେ ରତ୍ନ ଅଳଙ୍କାରର ଗଣତି ମଣତି ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ସମସ୍ତ ରତ୍ନ ଅଳଙ୍କାରର କିପରି ଗଣତି ମଣତି ସମ୍ପାଦନ କରାଯିବ ଏନେଇ ଏକ ଏସ୍‌ଓପି ପ୍ରସ୍ତୁତ କରାଯାଇଛି। ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଏହି କାର୍ଯ୍ୟ କରାଯିବ। ଆଗାମୀ ରଥଯାତ୍ରା ପୂର୍ବରୁ ରତ୍ନ ଅଳଙ୍କାରର ଗଣତି ମଣତି କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର



ଗଣତି ମଣତି ନେଇ ଏସଓପି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ରତ୍ନଭଣ୍ଡାର ସମ୍ପର୍କିତ ଉଚ୍ଚସ୍ତରୀୟ କମିଟିର ଏହି ବୈଠକରେ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଏସ୍‌ପି, ଜିଲ୍ଲାପାଳ, ପରିଚାଳନା କମିଟି ସଦସ୍ୟ ଏବଂ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟିର ପ୍ରାଧିକୃତ ସଦସ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ଏହି ବୈଠକରେ ୧୧ ପୃଷ୍ଠା ସମ୍ବଳିତ ଏକ ଏସଓପି ପ୍ରସ୍ତୁତ କରାଯାଇଛି। ଏହାକୁ ପରିଚାଳନା କମିଟିରେ ଅନୁମୋଦିତ କରାଯିବା ପରେ ରାଜ୍ୟ ସରକାରଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯିବ। ପରେ ଉକ୍ତ ଏସଓପି ଅନୁଯାୟୀ ରତ୍ନଭଣ୍ଡାରର ରତ୍ନ ଅଳଙ୍କାରର ଗଣତି ମଣତି କରାଯିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି,'କେବେଠାରୁ ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କରାଯିବ ତାହା ଏବେ କହିବା ସମ୍ଭବପର ନୁହେଁ। ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମତି ଆସିବା ପରେ ଗଣତି ମଣତି ଆରମ୍ଭ କରାଯିବ। ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି ପାଇଁ ଯେଉଁଭଳି ମହାପ୍ରଭୁଙ୍କ ନୀତି କାନ୍ତି ଏବଂ ଭକ୍ତଙ୍କ ଦର୍ଶନରେ ବାଧା ନ ଉପୁଜିବ ସେନେଇ ବିଶେଷ ଗୁରୁତ୍ୱ ଦିଆଯିବ। ରତ୍ନ ଅଳଙ୍କାର ଗଣତି ମଣତି ସମୟରେ ବାହାର କାଠ ନିକଟରୁ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। କେବଳ ପ୍ରାଧିକୃତ ପାଳିଆ ସେବାୟତମାନଙ୍କୁ ପ୍ରବେଶ ପାଇଁ ଅନୁମତି ସହ ପରିଚୟପତ୍ର ଦିଆଯିବ। ୩ଟି ପର୍ଯ୍ୟାୟରେ ହେବ ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ। ପ୍ରଥମ ପର୍ଯ୍ୟାୟରେ ଦୈନନ୍ଦିନ ମହାପ୍ରଭୁଙ୍କ ଚଳନ୍ତି ରତ୍ନ ଅଳଙ୍କାର, ଦ୍ୱିତୀୟ ପର୍ଯ୍ୟାୟରେ ବାହାର ରତ୍ନଭଣ୍ଡାର ଏବଂ ତୃତୀୟ ପର୍ଯ୍ୟାୟରେ ଭିତର ରତ୍ନଭଣ୍ଡାରରେ ଥିବା ସମସ୍ତ ଅଳଙ୍କାରର ଗଣତି ମଣତି କରାଯିବ। ରତ୍ନ ଅଳଙ୍କାରର ଗଣତି ମଣତି ସମୟରେ ଆରବିଆଇର ଜଣେ ଅଧିକାରୀ ମଧ୍ୟ ଉପସ୍ଥିତ ରହିବେ। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ବଣିଆ ବା ସ୍ୱର୍ଣ୍ଣକାରଙ୍କୁ ମଧ୍ୟ ଗଣତି ମଣତି ସମୟରେ ସାମିଲ୍ କରାଯିବ। ୧୯୭୮ ମସିହାର ରତ୍ନ ଅଳଙ୍କାରର ତାଲିକା ସହିତ ଆଗାମୀ ଦିନରେ ହେବାକୁ ଥିବା ସମସ୍ତ ରତ୍ନ ଅଳଙ୍କାରର ମେଳକ କରାଯିବ। ରତ୍ନଭଣ୍ଡାରର ଗଣତି ମଣତି ପରେ ଚାବିକୁ ଜିଲ୍ଲା କୋଷାଗାରରେ ରଖାଯିବ। ସମସ୍ତ ଗଣତି ମଣତି ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ଗଣତି ମଣତିରେ ସାମିଲ୍ ହେବାକୁ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ କଡ଼ା ଯାଞ୍ଚ ପରେ ପ୍ରବେଶ ପାଇଁ ଅନୁମତି ଦିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜଷ୍ଟିସ ବିଶ୍ୱନାଥ ରଥ ସୂଚନା ଦେଇଛନ୍ତି। ଏହି ବୈଠକ ଦୀର୍ଘ ସାଢେ ଚାରି ଘଣ୍ଟା ଧରି ଚାଲିଥିଲା। ବୈଠକ ପରେ ଏହି ସବୁ ନିଷ୍ପତ୍ତି ନିଆଯାଇଛି।

## ନୂଆବର୍ଷରେ ନୂଆ ରୂପରେ ବିଜେଡି

# ବିଜୁ ଯୁବ ଓ ଛାତ୍ର ଟିମ୍ ଗଠନ କଲେ ସୁପ୍ରିମୋ ନବୀନ

**ଭୁବନେଶ୍ୱର,୨୮/୧୨
ନ୍ୟୁଜ ବ୍ୟୁରୋ**

ନୂଆବର୍ଷଠୁ ନୂଆ ରୂପରେ ନଜର ଆସିବ ବିଜୁ ଜନତା ଦଳ। ଯୁବ ଓ ଛାତ୍ର ଟିମ୍ ଗଠନ କଲେ ସୁପ୍ରିମୋ ନବୀନ ପଟ୍ଟନାୟକ। ବିଜୁ ଯୁବ ଜନତା ସହିତ ବିଜୁ ଛାତ୍ର ବାହିନୀର ରାଜ୍ୟସ୍ତରୀୟ କମିଟି ଘୋଷଣା ହୋଇଛି। ଯୁବ ଜନତା କମିଟିରେ ୪ କାର୍ଯ୍ୟକାରୀ ସଭାପତି ସହ ଛାତ୍ର ଦଳରେ ୫ କାର୍ଯ୍ୟକାରୀ ସଭାପତି ରହିଛନ୍ତି। ବିଜେଡ଼ି ସଭାପତିଙ୍କ ଅନୁମୋଦନ କ୍ରମେ ନାଁ ଘୋଷଣା ହୋଇଛି। ବିଜୁ ଯୁବ ଜନତା ଦଳରେ ୪ କାର୍ଯ୍ୟକାରୀ ସଭାପତି ସହିତ ୨ ଜଣ ମହାସଚିବଙ୍କ ନାଁ ଘୋଷଣା କରିଛି




ଦଳ। ସେହିପରି ୧୫ ବରିଷ୍ଠ ଉପସଭାପତିଙ୍କ ସହ ୫୩ ଜଣ ଉପସଭାପତି ରହିଛନ୍ତି। ୮୫ ଜଣ ସାଧାରଣ ସମ୍ପାଦକ ବିଜୁ ଯୁବ ଜନତା ଦଳରେ ରହିଛନ୍ତି। ସେହିପରି ବିଜୁ ଛାତ୍ର ଜନତା ଦଳରେ ଜିଲ୍ଲା କମିଟିରେ ୧୪୫ ସଦସ୍ୟ ସାମିଲ ହୋଇଛନ୍ତି। ଟିମ୍‌ରେ ୫ କାର୍ଯ୍ୟକାରୀ ସଭାପତି, ୨ ଜଣ ଜେନେରାଲ ସେକ୍ରେଟାରୀ ରହିଛନ୍ତି। ୧୫ ବରିଷ୍ଠ ଉପସଭାପତିଙ୍କ ସମେତ ୩୪ ଉପସଭାପତି ରହିଛନ୍ତି। ବିଜୁ ଛାତ୍ର ଜନତା ଦଳର କମିଟିରେ ଭୁବନେଶ୍ୱରର ମିକୁ ପ୍ରଧାନ କାର୍ଯ୍ୟକାରୀ ସଭାପତି ରହିଥିବାବେଳେ ରାୟଗଡ଼ାର ବିଷ୍ଣୁ ପ୍ରସାଦ ପଣ୍ଡା, କଟକର ଚିନ୍ମୟ ଦାସ ଓ ରାଉରକେଲାର ଅଲରଖା ଖାନ, ବିପିୟୁଟି ଭୁବନେଶ୍ୱରର ପ୍ରଦୋଶ ପରିଡା କାର୍ଯ୍ୟକାରୀ ସଭାପତି ରହିଛନ୍ତି। ସେହିପରି ବିପିୟୁଟିର ରକି ଦାସ ଓ ଭୁବନେଶ୍ୱରର ସୁଜିତ୍ ପାଲଟସିଂହ ଜେନେରାଲ ସେକ୍ରେଟେରୀ ରହିଛନ୍ତି। ସେହିପରି ବିଜୁ ଯୁବ ଜନତା ଦଳରେ ବାଲେଶ୍ୱରର ଶୁଭେନ୍ଦୁ ମଙ୍ଗରାଜ, ବଲାଙ୍ଗୀରର ରାଜେନ୍ଦ୍ର ହୋତା, ଗଞ୍ଜାମର ପ୍ରଶାନ୍ତ ପଣ୍ଡା ଓ ଭୁବନେଶ୍ୱରର ଅମିର ଅହମ୍ମଦଙ୍କୁ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ମିଳିଛି। ନିକଟରେ ୨୯ତମ ପ୍ରତିଷ୍ଠା ଦିବସ ପାଳିଥିଲା ବିଜୁ ଜନତା ଦଳ। ବିରୋଧୀ, ସମାଲୋଚକ ଓ ରାଜନୈତିକ ପଣ୍ଡିତଙ୍କୁ ନବୀନ ଦେଇଥିଲେ କଡ଼ା ଜବାବ। ପ୍ରତିଷ୍ଠା ଦିବସରେ ନବୀନ ସିଧାସିଧା କହିଥିଲେ ଗଣତନ୍ତ୍ରରେ ହାରଜିତ୍ ରହିଛି। ଏବେ କିଛି ଲୋକ, କିଛି ଦଳ ଆମ ବିଷୟରେ ଅପପ୍ରଚାର କରୁଛନ୍ତି ଯେ ବିଜୁ ଜନତା ଦଳ ଭାଙ୍ଗି ଯିବ। ଏମିତି ଗୁଜବ ଚାଲିଛି। ହେଲେ ମୁଁ ସ୍ପଷ୍ଟ ଭାବେ କହିବାକୁ ଚାହେଁ, ବିଜେଡି ଅଛି, ରହିବ। ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସ୍ୱର ହୋଇ ରହିବ ବିଜେଡି।

# ଆରାବଳୀ ମାମଲାରେ ହସ୍ତକ୍ଷେପ କଲେ ସୁପ୍ରିମ୍‌କୋର୍ଟ

## ଆଜି ଶୁଣାଣି କରିବେ ୩ ଜଣିଆ ଖଣ୍ଡପୀଠ

**ନୂଆଦିଲ୍ଲୀ ୨୮/୧୨**

ଆରାବଳି ପାହାଡ଼ ମାମଲାରେ ହସ୍ତକ୍ଷେପ କରିଛନ୍ତି ସୁପ୍ରିମକୋର୍ଟ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ସୋମବାରଠାରୁ ଏହି ମାମଲାର ଶୁଣାଣି ହେବ। ଆରାବଳୀ ପାହାଡ଼କୁ ନେଇ ଅନେକ ଅଞ୍ଚଳରେ ବିରୋଧ ପ୍ରଦର୍ଶନ ହୋଇଛି। କଂଗ୍ରେସ ଅଭିଯୋଗ କରିଛି ଯେ ବଡ଼ ଧରଣର ଖଣି ଖନନକୁ ଅନୁମତି ଦେବା ପାଇଁ ଆରାବଳୀ ପାହାଡ଼ର ପରିଭାଷା ପରିବର୍ତ୍ତନ କରାଯାଇଛି। ତଥାପି, ସରକାର ଏହି ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ସରକାର କହିଛନ୍ତି ଯେ ଆରାବଳି ପାହାଡ଼ କୌଣସି ବିପଦରେ ନାହିଁ। କେନ୍ଦ୍ର ସରକାର ଆରାବଳିରେ କୌଣସି ନୂତନ ଖଣି ଲିଜ୍ ପ୍ରଦାନ କରିବା ଉପରେ ସମ୍ପୂର୍ଣ୍ଣ ନିଷେଧ ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିଷେଧ ସମଗ୍ର ଆରାବଳୀ ଅଞ୍ଚଳରେ ସମାନ ଭାବରେ ପ୍ରଯୁଜ୍ୟ ଏବଂ ପର୍ବତମାଳାର ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ନିର୍ଦ୍ଦେଶାବଳି ପାହାଡ଼କୁ ଗୁଜୁରାଟରୁ ଜାତୀୟ ରାଜଧାନୀ ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତାରିତ ଏକ ନିରନ୍ତର ଭୂତାତ୍ତ୍ୱିକ ଶୃଙ୍ଖଳ ଭାବରେ ସୁରକ୍ଷା ଦେବା ଏବଂ ସମସ୍ତ ଅନିୟନ୍ତ୍ରିତ ଖଣି କାର୍ଯ୍ୟକଳାପକୁ ରୋକିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହା ବ୍ୟତୀତ, କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଭାରତୀୟ ବନ ଗବେଷଣା ଏବଂ ଶିକ୍ଷା ପରିଷଦକୁ ସମଗ୍ର ଆରାବଳି ଅଞ୍ଚଳରେ ଅତିରିକ୍ତ କ୍ଷେତ୍ର/ଅଞ୍ଚଳ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛି। କେନ୍ଦ୍ର ଦ୍ୱାରା ଖଣି ପାଇଁ ପୂର୍ବରୁ ନିଷିଦ୍ଧ ଅଞ୍ଚଳଗୁଡ଼ିକ ବ୍ୟତୀତ, ପରିବେଶଗତ, ଭୂତାତ୍ତ୍ୱିକ ଏବଂ ଭୂଦୃଶ୍ୟ ସ୍ତରୀୟ ବିଚାର ଉପରେ ଆଧାର କରି ଏହି ଅଞ୍ଚଳଗୁଡ଼ିକରେ ଖଣି ନିଷେଧ କରାଯିବା ଆବଶ୍ୟକ। ଭାରତୀୟ ବନ ଗବେଷଣା ଏବଂ ଶିକ୍ଷା ପରିଷଦକୁ ସମଗ୍ର ଆରାବଳୀ ଅଞ୍ଚଳ ପାଇଁ ସ୍ଥାୟୀ ଖଣି ପାଇଁ ଏକ ବ୍ୟାପକ, ବିଜ୍ଞାନ-ଆଧାରିତ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଯୋଜନା ପରିବେଶଗତ ପ୍ରଭାବ ଏବଂ



ପରିବେଶଗତ ବହନ କ୍ଷମତା ମୂଲ୍ୟାଙ୍କନ କରିବ। ପରିବେଶଗତ ଭାବରେ ସମ୍ବେଦନଶୀଳ ଏବଂ ସଂରକ୍ଷଣ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବ ଏବଂ ପୁନରୁଦ୍ଧାର ଓ ପୁନର୍ବାସ ପଦକ୍ଷେପ ସ୍ଥିର କରିବ। କେନ୍ଦ୍ର ସରକାର ଏହା ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ ସମ୍ପୃକ୍ତ ରାଜ୍ୟ ସରକାରମାନେ ପୂର୍ବରୁ କାର୍ଯ୍ୟକ୍ଷମ ଖଣି ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ପରିବେଶ ସୁରକ୍ଷା ବ୍ୟବସ୍ଥାର କଡ଼ାକଡ଼ି ପାଳନ ନିଶ୍ଚିତ କରନ୍ତୁ। ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ଖଣି ଅଭ୍ୟାସର ପାଳନ ସୁନିଶ୍ଚିତ କରିବା ପାଇଁ ଅତିରିକ୍ତ କଟକଣା ସହିତ ଚାଲୁଥିବା ଖଣି କାର୍ଯ୍ୟକଳାପକୁ କଡ଼ାକଡ଼ି ନିୟନ୍ତ୍ରଣ କରାଯିବା ଉଚିତ। କେନ୍ଦ୍ର ସରକାର ଆରାବଳି ଇକୋସିଷ୍ଟମର ଦୀର୍ଘକାଳୀନ ସଂରକ୍ଷଣ ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ସରକାର ବିଶ୍ୱାସ କରନ୍ତି ଯେ ମରୁଭୂମିକରଣ ମୁକାବିଲା, ଜୈବ ବିବିଧତା ସଂରକ୍ଷଣ, ଜଳ ଭଣ୍ଡାର ପୁନଃଚାର୍ଜ ଏବଂ ଅଞ୍ଚଳକୁ ପରିବେଶଗତ ସେବା ପ୍ରଦାନ କରିବାରେ ଆରାବଳି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।


ପାଣି ଅଭାବରୁ ଗୁମୁରି କାନ୍ଦୁଛି ଓଡ଼ିଶାର ସ୍ୱାର୍ଥ ମହାନଦୀ
୪ ବର୍ଷରେ ପୁରୀ ସମୁଦ୍ରରେ ବୁଡି ୬୪ ମୃତ

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଭାରତରେ ହୋଇପାରେ ବଡ଼ ଧରଣର ଭୂକମ୍ପ !

## କଚ୍ଛରେ ତିନୋଟି ଫଲ୍ଟ ଲାଇନ୍ ସକ୍ରିୟ: ଭୂବିଜ୍ଞାନୀ

**ନୂଆଦିଲ୍ଲୀ,୨୮।୧୨**

ଭାରତ ପାଇଁ ଆଗକୁ ଭୂକମ୍ପ ବିପଦ। ଭୂ-ବିଜ୍ଞାନୀମାନେ ଦେଇଛନ୍ତି ଏଭଳି କିଛି ଚେତାବନୀ। ଗୁଜରାଟର କଚ୍ଛରେ ଭୂକମ୍ପ ପରେ ତିନୋଟି ଫଲ୍ଟ ଲାଇନ୍ ସକ୍ରିୟ ଥିବାର ଜଣାପଡିଛି। ଶୁକ୍ରବାର ସକାଳେ ୪.୬ ତୀବ୍ରତାରେ ଆସିଥିବା ଭୂକମ୍ପରେ ଯଦିଓ ବିଶେଷ କିଛି କ୍ଷୟକ୍ଷତି ହୋଇନି, କିନ୍ତୁ ଫଲ୍ଟ ଲାଇନ୍ ସକ୍ରିୟ ହୋଇଯାଇଛି। ଫଳରେ ୨୪ ବର୍ଷ ପୁରୁଣା ଘଟଣାର ଘଟିପାରେ ପୁନଃରାବୃତ୍ତି। ୨୦୦୧ ରେ ହୋଇଥିବା ବିନାଶକାରୀ ଭୂକମ୍ପରେ ୨୦ ରୁ ୨୫ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହି ତାଜା ଭୂକମ୍ପ ପରେ ପ୍ରାୟ ଏକାଧିକ ହାଲକା ଝଟକା ମାଟି ତଳେ ଆସିଛି। ଯାହାଦ୍ୱାରା ତିନୋଟି



ଫଲ୍ଟ ଲାଇନ୍ ସକ୍ରିୟ ଥିବା ନେଇ ଜଣାପଡିଛି। ତା'ଛଡା ପୂର୍ବରୁ ହିଁ କଚ୍ଛକୁ ଭୂକମ୍ପ ପାଇଁ ସମ୍ବେଦନଶୀଳ ଅଞ୍ଚଳ ବୋଲି ମନେକରାଯାଏ। ବୈଜ୍ଞାନିକଙ୍କ କହିବା ଅନୁସାରେ, ଭୂକମ୍ପର ୩୦ ଘଣ୍ଟା ଭିତରେ ୨୩ ଆଫ୍ଟରସକ୍ ବା ଭୂକମ୍ପ ପରେ ହାଲକା ଝଟକା ଅନୁଭବ ହୋଇଛି। ଶୁକ୍ରବାର ଭୋର ୪ଟା ୩୦ ମିନଟରୁ ଶନିବାର ସକାଳ ୯ଟା ୪୫ ମିନିଟ୍ ଭିତରେ ନର୍ଥ ଭାଗଡ ଫଲ୍ଟରୁ ଆରମ୍ଭ ହୋଇଥିଲା ଏହି କମ୍ପନ। ଏହାକୁ ଏହି କ୍ଷେତ୍ରର ସବୁଠାରୁ ସକ୍ରିୟ ବୋଲି ମନେକରାଯାଉଛି। ଭୂକମ୍ପର ନିକଟତମ ଡାଟାରୁ ଜଣାପଡିଛି ଯେ, କଥରୋଲ ହିଲ୍ସ, ଗୋରା ଡୋଙ୍ଗର ଓ ନର୍ଥ ୱାଗଡ ଫଲ୍ଟ ଲାଇନ୍ ସହ ଆକ୍ଟିଭ ହୋଇଯାଇଛି। ଏହି କାରଣରୁ ଭାରତର ସବୁଠାରୁ ପ୍ରମୁଖ ଭୂକମ୍ପ ସମ୍ଭାବିତ ଅଞ୍ଚଳକୁ ନେଇ ଚିନ୍ତା ବଢିଛି। କଚ୍ଛରେ ପୂର୍ବରୁ ହିଁ ୧୦ରୁ ଅଧିକ ଫଲ୍ଟ ଲାଇନ୍ ରହିଛି। ତା ଭିତରେ କିଛି ମ୍ୟାନଲ୍ୟାଣ୍ଡ ଫଲ୍ଟ ଓ ସାଉଥ୍ ୱାଗଡ ଫଲ୍ଟ ରହିଛି, ଯାହାକି ୨୦୦୧ରେ ୭.୭ ତୀବ୍ରତାରେ ଆସିଥିବା ବିନାଶକାରୀ ଭୂକମ୍ପ ବେଳେ ଭାଙ୍ଗି ଯାଇଥିଲା। ୨୦୨୫ରେ ଆସିଥିବା ଏହି ଝଟକାରୁ ସଙ୍କେତ ମିଳୁଛି ନୂତନ ତିନୋଟି ଫଲ୍ଟ ଲାଇନ୍ ସୃଷ୍ଟି ବଡ଼ ବିପଦ ଆଣିପାରେ।

ନାଗର ପାର୍କର ଓ ଆଲ୍ଲାହ ବଣ୍ଡ ଭଳି ପାରମ୍ପରିକ ରୂପରେ ସକ୍ରିୟ ଫଲ୍ଟ ଲାଇନ୍ ବହୁ ବର୍ଷ ଧରି ଭୂକମ୍ପ ସୃଷ୍ଟି କରୁଛି। କିନ୍ତୁ ଏବେ ଚିନ୍ତାର କଥା ଏହା ଯେ, ନିକଟରେ ଆସିଥିବା ଭୂକମ୍ପ ଭାଗଡ୍ ଫଲ୍ଟ ଲାଇନରେ ହୋଇଛି। ସେଭଳି ଗତ କିଛି ମାସରେ କାଠରୋଲ ହିଲ୍ ଓ ଗୋରା ଡୋଙ୍ଗରା ଫଲ୍ଟ ଲାଇନ୍‌ରେ ଭୂକମ୍ପ ଆସିଛି। ଏହା ସଙ୍କେତ ଦେଉଛି ଯେ, ୨୦୨୫ର ଆରମ୍ଭରୁ ହିଁ ତିନୋଟି ଫଲ୍ଟ ଲାଇନ୍ ବର୍ତ୍ତମାନ ପର୍ଯ୍ୟନ୍ତ ସକ୍ରିୟ ରହିଛି। ଭୂ-ବିଜ୍ଞାନୀମାନେ ଚେତାବନୀ ଦେଇଛନ୍ତି ଯେ, ଏହା କେବଳ କଚ୍ଛ ନୁହେଁ ଭାରତର ଅଧିକାଂଶ ଅଂଶକୁ ପ୍ରଭାବିତ କରିପାରେ। ଏହାର ମୁକାବିଲା ପାଇଁ ସବୁବେଳେ ପ୍ରସ୍ତୁତ ହୋଇ ରହିବାକୁ ପଡିବ।

## ଘର ଆଗରୁ ଟେକିନେଇ ହାଣି ରାସ୍ତାରେ ଫୋପାଡ଼ିଦେଲେ

**ଭୁବନେଶ୍ୱର, ୨୮/୧୨
ନ୍ୟୁଜ ବ୍ୟୁରୋ**

୨୦୨୫ ସରିଆସୁଥିବା ବେଳେ ରାଜଧାନୀ ରକ୍ତରଂଜିତ ହୋଇଉଠିଛି। ପୁଲିସକୁ ଖାତିର କରୁନଥିବା ଅପରାଧୀମାନେ ନୟାପଲ୍ଲୀ ଅଞ୍ଚଳରେ ଆତଙ୍କ ଖେଳାଇଛନ୍ତି। ଜଣେ ଯୁବକଙ୍କୁ ଘର ଆଗରୁ ଟେକି ନେବା ପରେ ଖଣ୍ଡାରେ ହାଣି ଲହୁଲୁହାଣ କରିଛନ୍ତି ଏବଂ ରାସ୍ତା କଡ଼ରେ ଫୋପାଡ଼ି ଫେରାର ହୋଇଯାଇଛନ୍ତି। ଖଣ୍ଡା ଚୋଟରେ ଗୁରୁତର ହୋଇଥିବା ଯୁବକ ହେଲେ ନୟାପଲ୍ଲୀ ନୂଆସାହି ଅଞ୍ଚଳର ବବୁଲ ଦାସ। ସେ ଏବେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି ଏବଂ ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଖଣ୍ଡା ଚୋଟ ଯୋଗୁ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଘଟଣା ଜଣାପଡ଼ିବା ପରେ ନୟାପଲ୍ଲୀରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି ଏବଂ ତୁରନ୍ତ ଅପରାଧୀମାନଙ୍କୁ ଗିରଫ କରିବାକୁ ଲୋକେ ଦାବି କରିଛନ୍ତି।